RNI No.ODIODI/2010/33031
୧୭ ବର୍ଷ Volume-17
ISSUE -220 ସଂଖ୍ୟା-୨୨୦
ଭୁବନେଶ୍ୱର, ବୁଧବାର ୧୮ ନଭେମ୍ବର ୨୦୨୬
Bhubaneswar, Wednesday 18 November, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର, ୧୭।୧୧(ନି.ପ୍ର.); ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ତିନି ପ୍ରତିଶତ ବୃଦ୍ଧି ବିଷୟ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୬୦ ପ୍ରତିଶତରୁ ୬୩

ସମୁଦାୟ ମହଙ୍ଗା ଭତ୍ତା ୬୦ ରୁ ୬୩ ପ୍ରତିଶତକୁ ବୃଦ୍ଧି ପାଇଲା

ପିଛିଲା ଭାବେ ୨୦୨୬ ଜୁଲାଇ'ରୁ ଲାଗୁ ହେବ

ପେନସନ୍‌ଭୋଗୀଙ୍କ ଟି.ଆଇ ରେ ମଧ୍ୟ ବୃଦ୍ଧି

ପ୍ରତିଶତକୁ ବୃଦ୍ଧି ପାଇଲା। ଏହା ଜୁଲାଇ ପହିଲା ୨୦୨୬ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ନଭେମ୍ବର ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟି.ଆଇ ରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ନଭେମ୍ବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

ବିଦ୍ୟାଭାରତୀଙ୍କ ଜାମିନ ଶୁଣାଣି ଶେଷ

ପାରଳାଖେମୁଣ୍ଡି.୧୭।୧୧: ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ନୂଆ ମୋଡ଼। ଅଭିଯୁକ୍ତ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି ଶେଷ ହୋଇଛି। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ପାରଳାଖେମୁଣ୍ଡି ଅତିରିକ୍ତ ଜିଲ୍ଲା ଓ ଶିରାଜଲ୍ ହରପ୍ରସାଦ ପଟ୍ଟନାୟକଙ୍କ ଅଦାଲତ ରାୟ ସଂରକ୍ଷିତ ରଖିଛନ୍ତି।ଆସନ୍ତା ନଭେମ୍ବର ୧୮ ତାରିଖରେ ଏହି ଜାମିନ ଆବେଦନ ଉପରେ ରାୟ ପ୍ରକାଶ ପାଇବ। ସରକାରୀ ଓକିଲ ରାଜେଶ ମିଶ୍ର ଏହି ସୂଚନା ଦେଇଛନ୍ତି। ଫଳରେ ବିଦ୍ୟାଭାରତୀଙ୍କୁ ଜାମିନ ମିଳିବ ନା ଜେଲ୍‌ରେ ରହିବାକୁ ପଡ଼ିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।



ବିଧାନସଭାରେ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ବରିଷ୍ଠ ନେତୃବୃନ୍ଦ।

ବାତ୍ୟାର ନୂଆ ଗତିପଥ

ଭୁବନେଶ୍ୱର, ୧୭।୧୧(ନି.ପ୍ର.); ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟାର ସମ୍ଭାବ୍ୟ ନୂଆ ଗତିପଥ ସାମ୍ନାକୁ ଆସିଛି। ଏଥିରୁ ଜଣାପଡୁଛି ଯେ ଏହାର ବାହ୍ୟ ବଳୟ ଓଡ଼ିଶା ଛୁଇଁପାରେ। ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରକୁ ଏହା ସ୍ପର୍ଶ କରିପାରେ।

ବାତ୍ୟା ଅଭି ଭୀଷଣ ରୂପ ନେଇ ୨୦ ତାରିଖ ମଧ୍ୟାହ୍ନରେ ଆନ୍ଧ୍ର ପ୍ରଦେଶର ନେଲୋର ଓ ଚୁନି ମଧ୍ୟରେ ଲ୍ୟାଣ୍ଡଫଲ୍ କରିବ ବୋଲି ଆକଳନ କରାଯାଇଛି। ଏହା ସତ୍ତ୍ୱେ ଏହାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ। ଗଭୀର ଅବପାତ ଅବସ୍ଥାରେ ଏହା ଓଡ଼ିଶା ଦେଇ ଅତିକ୍ରମ କରିପାରେ।ଭୁବନେଶ୍ୱର ସ୍ଥିତି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ୧୯ ତାରିଖ ସକାଳ ସାଢେ ୮ଟାରୁ ୨୦ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ଗଜପତି, ଗଞ୍ଜାମ, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ନୟାଗଡ଼, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି।୨୦ ତାରିଖ ସକାଳ ସାଢେ ୮ଟାରୁ ୨୧ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହା ସହିତ କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ମଧ୍ୟ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି।

୨୧ ତାରିଖ ସକାଳ ସାଢେ ୮ଟାରୁ ୨୨ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୨୧ ତାରିଖ ସକାଳ ସାଢେ ୮ଟାରୁ ୨୨ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ମାଲକାନଗିରି, କଳାହାଣ୍ଡି, ବଲାଙ୍ଗିର, ସୋନପୁର, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଆଜିଠୁ ବିଧାନସଭାର ଶୀତ ଅଧିବେଶନ

ସହଯୋଗ ଲୋଡ଼ିଲେ ବାଚସ୍ପତି

ଭୁବନେଶ୍ୱର୧୭।୧୧: : ଆସନ୍ତାକାଲିଠାରୁ ସପ୍ତଦଶ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ଏହା ପୂର୍ବରୁ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ପ୍ରମୁଖ ଉପସ୍ଥିତ ଥିଲେ । ଗୃହକୁ ସୁରୁଖରେ ଚଳାଇବାକୁ ସମସ୍ତ ସଦସ୍ୟଙ୍କ ସହଯୋଗ ଲୋଡ଼ିଛନ୍ତି ବାଚସ୍ପତି ।

ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରତିକ୍ରିୟାରେ କହିଛନ୍ତି ଯେ ସରିଲା ଗୃହକୁ ସୁରୁଖୁରୁରେ ଚଳାଇବାକୁ ନିଷ୍ପତ୍ତି ହୋଇଛି । ଓଡ଼ିଶାର ସ୍ୱାର୍ଥ ପ୍ରସଙ୍ଗରେ ଯେଉଁ ପ୍ରସ୍ତାବ ଆସିବ ତାହାକୁ ଆଲୋଚନା କରାଯିବ । ଚଳିତ ଅଧିବେଶନରେ ୫ ଟି ବିଲ୍ ଆସିବ । ନଭେମ୍ବର ୧୮ରୁ ଡିସେମ୍ବର ୩୧ ତାରିଖ ଯାଏ ଚାଲିବାକୁ ଥିବା ଗୃହକାର୍ଯ୍ୟକୁ ସୁରୁଖରେ ଚାଲିବାକୁ ନେଇ ଆଶାବ୍ୟକ୍ତ କରିଛନ୍ତି ମନ୍ତ୍ରୀ ।

ସର୍ବଦଳୀୟ ବୈଠକ ପରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପ୍ରତିକ୍ରିୟା ଦେଇଛନ୍ତି ଯେ ରାଜ୍ୟରେ ବାତ୍ୟା ଓ ବନ୍ୟା ପରିଚାଳନା ନେଇ ବିଜେଡ଼ି ମୋସନ ଆଣିଛି । ସବୁ କାର୍ଯ୍ୟକ୍ରମକୁ ବାତିଲ କରି ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ବିଜେଡ଼ି ଦାବି କରିଛି । ତତସହିତ ଦଳ ଆଇନ ଶୃଙ୍ଖଳା, ଭତ୍ତା ସମସ୍ୟା, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ପ୍ରସଙ୍ଗ ଗୃହରେ ଉଠାଇବ ବୋଲି ସେ କହିଛନ୍ତି ।

ସେହିପରି କଂଗ୍ରେସ ମଧ୍ୟ କୋଟିଆକୁ ପ୍ରସଙ୍ଗ ଉଠାଇବ । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ କୋଟିଆ ପ୍ରସଙ୍ଗକୁ ବିଧାନସଭାରେ ଉଠାଯିବା ନେଇ ସୂଚନା ଦେଇଛନ୍ତି । ସେହିପରି ବନ୍ୟା ଓ ବାତ୍ୟା ପ୍ରସଙ୍ଗ ଉଠାଇବ କଂଗ୍ରେସ ।

ବନ୍ୟା-ବାତ୍ୟାକୁ ପ୍ରସଙ୍ଗ କରିବ ବିଜେଡ଼ି
କୋଟିଆ ପ୍ରସଙ୍ଗ ଉଠାଇବ କଂଗ୍ରେସ

ଏଠାରେ ଉଲ୍ଲେଖ ଯୋଗ୍ୟ ଆଜି ବିରୋଧୀ ଦଳ ବିଜେଡି ସରକାରଙ୍କୁ ଘେରିବା ପାଇଁ ସନ୍ଧ୍ୟା ୫ଟାରେ ଶଙ୍ଖ ଭବନରେ ବିଧାୟକ ଦଳ ବୈଠକ ଡାକିଛି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାରଙ୍କୁ ଘେରିବାକୁ ବିଭିନ୍ନ ରଣନୀତି ପ୍ରସ୍ତୁତ କରିବ । ବିଶେଷ କରି ଗଞ୍ଜାମ ବନ୍ୟା, କୋଟିଆ ସୀମା ବିବାଦ, ମହାନଦୀ ଜଳ ବିବାଦ, ବିପର୍ଯ୍ୟୟ ପରିଚାଳନାରେ ଅବ୍ୟବସ୍ଥା, ଆଇନ ଶୃଙ୍ଖଳା ପରିସ୍ଥିତି, କେନ୍ଦ୍ରୀୟ ଅବହେଳା, ଚାଷ ଓ ଚାଷୀ ପ୍ରସଙ୍ଗକୁ ନେଇ ଆଲୋଚନା ହେବ ବୋଲି ଦଳୀୟ ବିଧାୟକ ସୂଚନା ଦେଇଛନ୍ତି ।

ବିଧାନସଭା ପାଇଁ ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିଛି ପୋଲିସ ପ୍ରଶାସନ । ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରହିବ ବିଧାନସଭା । ସୁରକ୍ଷା ଦାୟିତ୍ୱରେ ମୁତୟନ ହେବେ ୩୫ ପ୍ଲାଟୁନ୍ ପୋଲିସ ଫୋର୍ସ । ଏହା ସହ ଆତତାୟୀ ଆକ୍ରମଣ କିମ୍ବା ଯେକୌଣସି ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଯୁନିଟ୍‌ର କମାଣ୍ଡୋମାନେ ସଜାଗ ରହିବେ।

ଆସିଆନ୍ ଦେଶଙ୍କୁ ମୋଦୀଙ୍କ ୯ ବଡ଼ ପ୍ରସ୍ତାବ

ନୂଆଦିଲ୍ଲୀ, ୧୭।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁଣି ବିଶ୍ୱ ମଞ୍ଚରେ ପ୍ରଶଂସା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ମୋଦିଙ୍କୁ ସେ ଜଣେ ଅତ୍ୟନ୍ତ ଦୃଢ଼ ବ୍ୟକ୍ତି ଓ ମହାନ ସାଙ୍ଗ ବୋଲି କହିଛନ୍ତି। ଫିଲିପାଇନ୍ସର ମନିଲାରେ ମୋଦି ଓ ଟ୍ରମ୍ପ ଜାପାନ-ଅଷ୍ଟ୍ରେଲିଆ ସହ କ୍ୱାଡ ଆଲୋଚନା ପାଇଁ ଏକାଠି ହୋଇଛନ୍ତ। ଏହି

ମୋଦିଙ୍କୁ 'ମହାନ ସାଙ୍ଗ' କହି ପ୍ରଶଂସା କଲେ ଟ୍ରମ୍ପ



ସମୟରେ ଟ୍ରମ୍ପଙ୍କ ମୁହଁରୁ ମୋଦିଙ୍କ ପ୍ରଶଂସା ଶୁଣିବାକୁ ମିଳିଛି। ଟ୍ରମ୍ପ କହିଛନ୍ତି, "ପ୍ରଧାନମନ୍ତ୍ରୀ ମୋଦି ହେଉଛନ୍ତି ଜଣେ ଅତ୍ୟନ୍ତ ଦୃଢ଼ ବ୍ୟକ୍ତି। ସେ ଜଣେ ମହାନ ନେତା ଓ ମୋର ଜଣେ ମହାନ ସାଙ୍ଗ।" ପ୍ରାୟ ଦୁଇ ବର୍ଷ ତଳେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବୁଝାମଣା ଦକ୍ଷତାକୁ ଟ୍ରମ୍ପ ସମାନ ଢଙ୍ଗରେ ପ୍ରଶଂସା କରିଥିଲେ।

ଆସିଆନ୍ ଦେଶଗୁଡ଼ିକ ସହ ଭାରତର ସମ୍ପର୍କକୁ ଆହୁରି ମଜଭୁତ କରିବାକୁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ୨୩ତମ ଆସିଆନ୍-ଭାରତ ଶିଖର ସମ୍ମିଳନୀରେ ସେ ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରଖିଛନ୍ତି। ଏଥିରେ ଆସିଆନ୍ ଦେଶର ପର୍ଯ୍ୟଟକଙ୍କ ପାଇଁ ମାଗଣା ଇ-ଭିସା, ସାମୁଦ୍ରିକ ସହଯୋଗ, ପରମାଣୁ ଶକ୍ତି, ସାଇବର ସୁରକ୍ଷା, ମହାକାଶ ଗବେଷଣା ଓ ଯୁବପିଢ଼ିଙ୍କ ମଧ୍ୟରେ ଆଦାନପ୍ରଦାନ ଭଳି ପ୍ରସଙ୍ଗ ସାମିଲ ରହିଛି। ମନିଲାରେ ଅନୁଷ୍ଠିତ ଏହି ସମ୍ମିଳନୀ ପରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହି ୯ଟି ପ୍ରସ୍ତାବ ସମ୍ପର୍କରେ ସୂଚନା ଦିଆଯାଇଛି।

୨୦୨୫ ଫେବୃଆରୀରେ ଟ୍ରମ୍ପ ହ୍ୱାଇଟ ହାଉସରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦି ମୋଠାରୁ ଜଣେ କଠୋର ବା ଦୃଢ଼ ଆଲୋଚନାକାର। ଜୁନ ମାସରେ ଆୟୋଜିତ ଜି-୭ ଶିଖର ସମ୍ମିଳନୀରେ ମଧ୍ୟ ସେ ପ୍ରଧାନମନ୍ତ୍ରୀଙ୍କୁ ଅତ୍ୟନ୍ତ କଠୋର ବା ଦୃଢ଼ ବୁଝାମଣାକାରୀ ବୋଲି କହିଥିଲେ। ଭାରତ-ଆମେରିକା ବାଣିଜ୍ୟ ଡିଲ୍ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ତାଙ୍କ ମୁହଁରୁ ଏକଥା ଶୁଣିବାକୁ ମିଳିଥିଲା। ଏବେ ସେ ପୁଣି ସମାନ କଥା ଦୋହରାଇଛନ୍ତି। ଆଜି ମନିଲାରେ ଆୟୋଜିତ ଏସିଆନ ଶିଖର ସମ୍ମିଳନୀ ଅବସରରେ ୪ କ୍ୱାଡ ଦେଶର ନେତା ପରସ୍ପରକୁ ଭେଟିଥିଲେ। ଏହାର ଅଧ୍ୟକ୍ଷତା ଫିଲିପାଇନ୍ସ କରୁଥିବା ବେଳେ ୨ ବର୍ଷ ମଧ୍ୟରେ ଏହାର କ୍ୱାଡର ପ୍ରଥମ ବୈଠକ। କ୍ୱାଡ ଗଠନ ହେବା ପରେ ୪ ଦେଶ ମଧ୍ୟରେ ସହଭାଗିତା ବୃଦ୍ଧି ପାଇଥିବା ଟ୍ରମ୍ପ କହିଛନ୍ତି। ଏଥିସହ ସାରା ବିଶ୍ୱରେ ଏହି ମେଣ୍ଟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ରଖିଛନ୍ତି। କ୍ୱାଡ ଦେଶଗୁଡ଼ିକ ଆଞ୍ଚଳିକ ସୁରକ୍ଷା ଓ ଅର୍ଥନୀତିକ କୂଟନୀତ ପରସ୍ପର ସହ ଯୋଡ଼ି ହୋଇ କାର୍ଯ୍ୟ କରୁଥିବା ମଧ୍ୟ ସେ କହିବାକୁ ପଛାଇ ନାହାନ୍ତି।କ୍ୱାଡ କୃତ୍ରିମ ବୁଦ୍ଧିମତା ବା ଏସଆଇ ଆକ୍ସିଲେଟର ଲଞ୍ଚ କରିବ। ଏଥିପାଇଁ ଟ୍ରମ୍ପ ୮୫ ମିଲିୟନ ଡଲାରର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଆଗାମୀ ଦିନରେ ୪ କ୍ୱାଡ ଦେଶ ମିଳିତ ଭାବେ ସାମୁଦ୍ରିକ ସୁରକ୍ଷା ପାଇଁ ସାମରିକ ଅଭ୍ୟାସ କରିବେ ବୋଲି ମଧ୍ୟ ସେ କହିଛନ୍ତି। ବିରଳ ମୃତ୍ତିକା ସମ୍ପର୍କରେ ଟ୍ରମ୍ପ କହିଛନ୍ତି ଯେ ଆମେରିକା, ଜାପାନ ଓ ଭାରତ ଉତ୍ପାଦନ ବୃଦ୍ଧି କରିବାରେ ଲାଗିଛନ୍ତି। ଆଗାମୀ ୧୦ ମାସ ମଧ୍ୟରେ ଆବଶ୍ୟକତା ଅନୁସାରେ ସପ୍ଲାଏ ମଧ୍ୟ କରିବ। ଆମେ ଯାହା ଚାହୁଁଛୁ, ତା'କୁ ୧୦ ମାସ ମଧ୍ୟରେ ହାସଲ କରିବୁ ବୋଲି ଦମ୍ଭୋକ୍ତି କରିଛନ୍ତି ଟ୍ରମ୍ପ ।ଏପଟେ ପ୍ରଧାନମନ୍ତ୍ରୀ ମୋଦି କ୍ୱାଡକୁ ଗୋଟିଏ ଗଠନମୂଳକ ଓ ବିଶ୍ୱାସରେ ଭରପୂର ଭାଗିଦାରୀ ଭାବେ ଚିତ୍ରଣ କରିଛନ୍ତି। ସାମୁଦ୍ରିକ ସୁରକ୍ଷା, ଯୋଗାଣ ଶୃଙ୍ଖଳ, ନୂଆ ଟେକ୍ନୋଲୋଜି ଓ ବିପର୍ଯ୍ୟୟ ପ୍ରଶମନ ଦିଗରେ କ୍ୱାଡ ଦେଶଗୁଡ଼ିକ କାର୍ଯ୍ୟ କରୁଥିବା ସେ ସଙ୍କେତ ଦେଇଛନ୍ତି। କ୍ୱାଡ ଦେଶର ଅଧିକାରୀମାନେ ପ୍ରଥମଥର ୨୦୦୬ରେ ମନିଲାରେ କେମିତି ପରସ୍ପରକୁ ଭେଟିଥିଲେ, ସେକଥା ମନେ ପକାଇଛନ୍ତି ମୋଦି।

୩ ଲକ୍ଷ ଏସଏଚଜିଙ୍କୁ ୨୪୭ କୋଟି ଟଙ୍କାର ସୁଧ ଫେରନ୍ତ ସହାୟତା

ଭୁବନେଶ୍ୱର ୧୭।୧୧(ନି.ପ୍ର): : ଆଜି (ମଙ୍ଗଳବାର) ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟର ୩,୨୬,୩୬୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୪୭.୩୪ କୋଟି ଟଙ୍କାର ସୁଧ ଫେରନ୍ତ ସହାୟତା ପ୍ରଦାନ କରାଯାଇଛି। ଏଥିସହ ୨୭ଟି ଜିଲ୍ଲାର ୮,୯୨୭ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୬.୦୩ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି, ୨୨ଟି ଜିଲ୍ଲାର ୨୦୪ଟି ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘକୁ ୬୦.୪୦ କୋଟି ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ଏବଂ ୧୦ଟି ଜିଲ୍ଲାର ୩୭୬ଟି ଆଞ୍ଚଳିକ ମଞ୍ଚକୁ ୫.୩୭ କୋଟି ଟଙ୍କାର ନିରାପତ୍ତା ପାଣ୍ଠି ପ୍ରଦାନ କରାଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ନିଜ ବକ୍ତବ୍ୟରେ କହିଥିଲେ, ଏହି ଆର୍ଥିକ ସହାୟତା ମହିଳାମାନଙ୍କ ଉଦ୍‌ୟୋଗ ଓ ଜୀବିକାଭିତ୍ତିକ କାର୍ଯ୍ୟକଳାପର ସମ୍ପ୍ରସାରଣରେ ସହାୟକ ହେବ। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୨୦,୦୦୦ କୋଟି ଟଙ୍କାର ବ୍ୟାଙ୍କ ଋଣ ଯୋଗାଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।ଏହି ଅବସରରେ, ସୁଭଦ୍ରା ଶକ୍ତି ବଜାରର ଏକ ନୂତନ ଉତ୍ପାଦ କ୍ୟାଟାଲଗ୍ ଉନ୍‌ମୋଚନ ହୋଇଥିଲା। ଓଡ଼ିଶା ଜୀବିକା ମିଶନ ଓ ଦି ନଜ୍ ଲାଇଫ୍‌ସ୍କିଲ୍ସ ଫାଉଣ୍ଡେସନ୍‌ମଧ୍ୟରେ ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। କାର୍ଯ୍ୟକ୍ରମରେ



'ସୁଭଦ୍ରା ଶକ୍ତି' ବ୍ରାଣ୍ଡ ଅଧୀନରେ ଖୋର୍ଦ୍ଧା ମାତୃଶକ୍ତି କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ବୈଷୟିକ ସହଯୋଗରେ ପ୍ରସ୍ତୁତ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସବିଶିଷ୍ଟ ଚାଉଳଭିତ୍ତିକ ଇଡ୍‌ଲି ରାଗ୍ୱା, ଚୁଡ଼ା, ଚାଉଳ ଓ ମିଲେଟ୍‌ଭିତ୍ତିକ ପୁଷ୍ଟିକର କୁକିଜ୍ ଏବଂ ପ୍ରିମିୟମ୍ ସୁଗନ୍ଧିତ କଳାଜିରା ଚାଉଳର ଶୁଭାରମ୍ଭ କରାଯାଇଛି।

ଏଥିସହ ମହିଳା କୃଷକ ଉତ୍ପାଦକ କମ୍ପାନୀଗୁଡ଼ିକର ବଜାର ସଂଯୋଗ ସମ୍ପ୍ରସାରଣ ନିମନ୍ତେ ୬ଟି ବ୍ୟବସାୟିକ ବୁଝାମଣାପତ୍ର ଓ ସହଭାଗିତା ସ୍ଥାପନ କରାଯାଇଛି। ଏହା ମାଧ୍ୟମରେ ୪ କୋଟି ୫୬ ଲକ୍ଷ ୫୦ ହଜାର ଟଙ୍କାରୁ ଅଧିକ ସମ୍ଭାବ୍ୟ ବ୍ୟବସାୟିକ କାରବାରର ସୁଯୋଗ ସୃଷ୍ଟି ହୋଇଛି। ଏହାଦ୍ୱାରା କଳାଜିରା ଚାଉଳ, ଲୋ ଜିଆଇ ଚାଉଳ, ଚୁଡ଼ା, ଇଡ୍‌ଲି ରାଗ୍ୱି ଓ ଅନ୍ୟାନ୍ୟ ମୂଲ୍ୟଯୁକ୍ତ ଖାଦ

ଆଞ୍ଚଳିକ ସମୟ

ବୁଧବାର,୧୮ ନଭେମ୍ବର ୨୦୨୬, ଭୁବନେଶ୍ୱର Wednesday,18 November 2026, Bhubaneswar



ଓପନ୍ ନ୍ୟାସନାଲ୍ ତାଇକୋଣ୍ଡୋ ଚାମ୍ପିୟନସିପ୍, 'ଓ୍ୱାରିୟର୍ସ କପ୍', କଳାହାଣ୍ଡି ଚାମ୍ପିୟନ

ବ୍ରହ୍ମପୁର,୧୭।୧୧ :(ମନ୍ଟୁନ)ଗୋଳନ୍ଥରା ସ୍ଥିତ ନିଷ୍ଠ ବିଶ୍ୱବିଦ୍ୟାଳୟ ଇନଡୋର ଷ୍ଟାଡିୟମ୍ ଠାରେ ନଭେମ୍ବର ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ତାଇକୋଣ୍ଡୋ ଆସୋସିଏସନ୍ ଅଫ୍ ବ୍ରହ୍ମପୁର ପକ୍ଷରୁ ଓ୍ୱାରିୟର୍ସ କପ୍ ୨୦୨୬ ଓପନ୍ ନ୍ୟାସନାଲ୍ ତାଇକୋଣ୍ଡୋ ଚାମ୍ପିୟନସିପ୍ ଆୟୋଜିତ ହୋଇଯାଇଛି । ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୬୫୦ରୁ ଊର୍ଦ୍ଧ୍ୱ ଖେଳାଳି ଯୋଗଦେଇ ନିଜ ନିଜର କ୍ରୀଡ଼ା ନୈପୁଣ୍ୟ, ଶୃଙ୍ଖଳା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଦୁଇଦିନ ଧରି ଚାଲିଥିବା ଏହି ଚାମ୍ପିୟନସିପ୍‌ରେ ଖେଳାଳି ମାନଙ୍କ ମଧ୍ୟରେ ଉତ୍ସାହ ପୂର୍ଣ୍ଣ ଓ ରୋମାଞ୍ଚକର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ପ୍ରତିଯୋଗିତାର ଶେଷରେ ଦଳଗତ ଚାମ୍ପିୟନସିପ୍‌ର ଫଳାଫଳ ଘୋଷଣା କରାଯାଇଥିଲା। ତେବେ ଦଳଗତ ଚାମ୍ପିୟନସିପ୍‌ର ଫଳାଫଳ ସୂଚନା ଅନୁସାରେ ଚାମ୍ପିୟନ୍ ଟ୍ରଫି କଳାହାଣ୍ଡି ଜିଲ୍ଲା ଦଳ ହାସଲ କରିଥିବା ବେଳେ, ପ୍ରଥମ ରନର୍ସ ଅପ୍ ଭଞ୍ଜନଗର ଦଳ, ଦ୍ୱିତୀୟ ରନର୍ସ ଅପ୍ ଜିଲ୍ଲା ତାଇକୋଣ୍ଡୋ ଏକାଡେମୀ, ଗଜପତି, ତୃତୀୟ ରନର୍ସ ଅପ୍ ଜିଲ୍ଲା ତାଇକୋଣ୍ଡୋ ଏକାଡେମୀ, ଯାଜପୁର ହାସଲ କରିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅନୁଷ୍ଠିତ ଏହି ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ସଂଘର ସଭାପତି ଜିତେନ୍ଦ୍ର କୁମାର ମୁନି, ଓ୍ୱାରିୟର୍ସ କପ୍ ୨୦୨୬ର ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ମହାପାତ୍ର ଏବଂ ଆୟୋଜକ କମିଟିର ସଦସ୍ୟ ରଘୁନାଥ ପ୍ରଧାନ, ଅଂଶୁମାନ ବେହେରା ଓ ଦେବାଶିଷ ବେହେରା ଉପସ୍ଥିତ ରହି ବିଜୟୀ ଦଳ ଗୁଡ଼ିକୁ ଟିମ୍ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ ଅଧିକାରୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଆହୁରି ଉଚ୍ଚସ୍ତରରେ ସଫଳତା ହାସଲ କରିବାକୁ ଉତ୍ସାହିତ କରିଥିଲେ। ଏନେଇ ପ୍ରତିଯୋଗିତା ଶେଷରେ ଆୟୋଜନ କମିଟିର ସମ୍ପାଦକ ତଥା ଆୟୋଜନ ସଚିବ ଇଂ. ସତ୍ୟ ନାରାୟଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିବା ସହ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାର ସଫଳ ଆୟୋଜନରେ ସହଯୋଗ କରିଥିବା ସମସ୍ତ ଖେଳାଳି, ପ୍ରଶିକ୍ଷକ, ଟେକ୍ନିକାଲ୍ ଅଫିସିଆଲ୍, ରେଫରି, ସ୍ୱେଚ୍ଛାସେବୀ, ଅତିଥି, ସ୍ପନ୍ସର ଓ ନିଷ୍ଠ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇ ଥିଲେ। ଏହିପରି ଭାବେ ଶୃଙ୍ଖଳା, ଏକତା, କ୍ରୀଡ଼ା ମନୋଭାବ ଓ ଉତ୍କର୍ଷତାର ବାର୍ତ୍ତା ଦେଇ ଓ୍ୱାରିୟର୍ସ କପ୍ ଏକ ସ୍ମରଣୀୟ ଅନୁଭୂତି ସହ ଉଦଯାପିତ ହୋଇଥିବା ଖେଳାଳି ଏବଂ ଅଭିଭାବକ ମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ।

ରାଜ୍ୟ ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ



ବ୍ରହ୍ମପୁର,୧୭।୧୧ :(ମନ୍ଟୁନ) ଜାତୀୟ ପ୍ରେସ ଦିବସ ଅବସରରେ ରାଜ୍ୟ ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି ।ଜିଲ୍ଲା ସଭାପତି ବିଶ୍ୱନାଥ ମାରଣା ଙ୍କ ଅଧକ୍ଷତା ବ୍ରହ୍ମପୁର ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ର ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗ ର ପ୍ରଫେସର ଡ.ବନ୍ଦିତା ପଣ୍ଡା ଯୋଗ ଦେଇ ସରକାର ଏବଂ ଜନତାଙ୍କ ମଧ୍ୟରେ ସେତୁ ଭଳି କାମ କରୁଛି ଗଣ ମାଧ୍ୟମ, ତେଣୁ ଗଣମାଧ୍ୟମ ସର୍ବଦା ନିର୍ଭୀକ ଆଉ ନିଷ୍ପାପର ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ ।ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶିଶିର ପାଣିଗ୍ରାହୀ,ଶିକ୍ଷାବିତ ଲିପିକା ନାୟକ,ରାଜ୍ୟ ସମ୍ପାଦକ ହେମାଙ୍ଗ ପ୍ରସାଦ ରାଉଳ,ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସୁରଜିତ କୁମାର ପଣ୍ଡା ମଞ୍ଚାସିନ ହୋଇ ' ଚତୁର୍ଥ ସ୍ତମ୍ଭ ସେତୁ କେତେ ସୁଦୃଢ' ଶୀର୍ଷକ ଆଲୋଚନା ରେ ଭାଗ ନେଇଥିଲେ ।ମୁଖ୍ୟ ବକ୍ତା ଭାବେ ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ ଯୋଗଦେଇ ସାମ୍ବାଦିକତା ଏଭଳି ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟ ଯାହା ଉପରେ ସମଗ୍ର ବିଶ୍ୱ ନିର୍ଭର କରେ, କୋଣ ଅନୁକୋଣରେ ପହଞ୍ଚି ଖବର ସଂଗ୍ରହ କରୁଥିବା ସାମ୍ବାଦିକ ସର୍ବଦା ପ୍ରଶଂସନୀୟ ବୋଲି କହିଥିଲେ, ଏହା ସହିତ ବ୍ରହ୍ମପୁରର ବହୁ ବିଶିଷ୍ଟ ସାମ୍ବାଦିକ ଙ୍କ କଥା ସ୍ମୃତି ଚାରଣ କରିଥିଲେ ।ଭ୍ରଷ୍ଟାଚାର ଦୂର କରିବା ପାଇଁ ସର୍ବଦା ନିଜ ଲେଖନୀ ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଞ୍ଚାର ସୃଷ୍ଟି କରିଥିବା ଆଲୋଚନା ଚକ୍ରରେ ଉପସ୍ଥାପନ କରିଥିଲେ ।

ବ୍ରହ୍ମପୁର ବରିଷ୍ଠ ସାମ୍ବାଦିକ ରାଧାଶ୍ୟାମ ଆଚାର୍ଯ୍ୟ,ସାମ୍ବାଦିକ ଶାନ୍ତନୁ ରଣା,ସାମ୍ବାଦିକା ରଶ୍ମିତା ପାଣିଗ୍ରାହୀ ଆଲୋଚନା ରେ ଭାଗ ନେଇ ଅତିଥି ଙ୍କ ଅଭିଭାଷଣ କୁ ନେଇ ବର୍ତ୍ତମାନ ସାମ୍ବାଦିକ ଙ୍କ ସମସ୍ୟା ଓ ଖବର ପ୍ରସାରଣ ବେଳେ କିଭଳି ସମସ୍ୟା ସମ୍ମୁଖୀନ ହେବାକୁ ପଡ଼େ ତାହାକୁ ଆଲୋଚନାରେ କହିଥିଲେ ।ଏହି କାର୍ଯ୍ୟକ୍ରମ ରେ ଅର୍ଣବ ବାତ୍ୟା ସମୟରେ ଦୁର୍ଦ୍ଦିନ ରେ ଥିବା ଲୋକଙ୍କ ପାଖରେ ପହଞ୍ଚି ସହଯୋଗ ର ହାତ ବଢ଼ାଇଥିବା ବ୍ରହ୍ମପୁର ର ଦୁଇ ଅଗ୍ରଣୀ ଅନୁଷ୍ଠାନ କାଂହ୍ନା ଚାରିଟେବୁଲ ଟ୍ରଷ୍ଟ ଓ ନିଳକଣ୍ଠେଶ୍ୱର୍ ସେବା ସମିତି ଙ୍କୁ ସମ୍ମାନିତ କରାଇଥିଲା ।ଏହି କାର୍ଯ୍ୟକ୍ରମ କୁ ସଂଘର ସାଧାରଣ ସମ୍ପାଦକ ଦିଗାମ୍ବର ମହାରଣା ପରିଚାଳନା କରିଥିବା ବେଳେ ସଂଘର କୋଷାଧକ୍ଷ ନିଲାଞ୍ଚଳ ସାହୁ ,ସଦସ୍ୟ ଇଶ୍ୱର ସେଠୀ,ସମୀର ରଥ,ପ୍ରଫୁଲ୍ଲ ଚନ୍ଦ୍ର ବେହେରା,ସୀମାଞ୍ଚଳ ସାହୁ, ନଗେଶ୍ୱ ପାତ୍ର,ହିମାଂଶୁ ପାଢ଼ୀ , ସନ୍ତୋଷ ପାଳ ଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।ଶେଷରେ ସୀମାଞ୍ଚଳ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।ଏହି ଅବସରରେ ବହୁ ସାମ୍ବାଦିକ ଏବଂ ସାମାଜିକ ସଙ୍ଗଠନର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

ମହେନ୍ଦ୍ର ସ୍ୱାଇଁଙ୍କ ନବମ ଶ୍ରାଦ୍ଧବାର୍ଷିକୀ ସମାରୋହ

ଖଣ୍ଡପଡ଼ା, ୧୭।୧୧ :(ମନ୍ଟୁନ) ଖଣ୍ଡପଡ଼ା ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ତଥା ସମାଜସେବୀସ୍ୱର୍ଗତ ମହେନ୍ଦ୍ର କୁମାର ସ୍ୱାଇଁଙ୍କ ନବମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ବ୍ଲକ ଅଧୀନ ବେଣାଗାଡ଼ିଆ ସ୍ଥିତ ବାସଭବନରେ ମହେନ୍ଦ୍ର ସ୍ୱାଇଁ ଫାଉଣ୍ଡେସନ ଆନୁକୂଲ୍ୟରେ ଏହିକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି । ଗତ ଦୁଇଦିନ ଧରି ସ୍ୱର୍ଗତ ସ୍ୱାଇଁଙ୍କସ୍ମୃତିରେ କବି ସମ୍ନ ?ଳନ, ଗତକାଲି ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିବାଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି । ଶନିବାର କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ବାଚସ୍ପତିସୁରମା ପାଢ଼ୀ ଯୋଗଦେଇ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଶ୍ୱ ଓଡ଼ିଆ ପରିବାରଅଧକ୍ଷ ସଜ୍ଜନ ଶର୍ମା, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡଃ ରକ୍ଷକ ନାୟକ,ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ, ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ପ୍ରମୁଖ ଅତିଥି ଭାବେଯୋଗ ଦେଇ ସମାଜସେବୀ ସ୍ୱର୍ଗତ ମହେନ୍ଦ୍ର ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିଲେ। ସେହିପରିଆସନ୍ତାକାଲି ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତଦାନ ଶିବିର ସହ ମାଗଣା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତହେବ ବୋଲି ଜଣାପଡିଛି ।

ମୃତା ନାବାଳିକାଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଦେଲେ ବିଜେଡି ନେତ୍ରୀ ସୁଜାତା ରାଉତ ଓ ବାଲେଶ୍ୱର ଜିଲ୍ଲାର ୩ ବିଧାୟକ

ଜଳେଶ୍ୱର,୧୭।୧୧ :(ମନ୍ଟୁନ)ଜଳେଶ୍ୱର ଥାନା ଅନ୍ତର୍ଗତ ନାମ୍‌ପୋ ଫାଣ୍ଡି ଅଧୀନ ପଶ୍ଚିମବାର୍ଡ ପଞ୍ଚାୟତର ଦେବକୁମାର ଗ୍ରାମର ଜୈନକ ୧୪ ବର୍ଷ ନାବାଳିକାଙ୍କୁ ପ୍ରଥମେ ଅପହରଣ, ପରେ ଗଣଦୁଷ୍କର୍ମ ଓ ଶେଷରେ ହତ୍ୟା କରିବା ଘଟଣାରେ ପାଡ଼ିତାର ପରିବାରକୁ ବିଜେଡ଼ି ନେତ୍ରୀ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରିଣୀ ସୁଜାତା ରାଉତ ଓ ଅନ୍ୟ ନେତ୍ରୀ



ଆଜି ଅପରାହ୍ନରେ ତାର ବାସଭବନରେ ଭେଟି ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର,ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡା,ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁ, ରାଜ୍ୟ ଛାତ୍ର ସଭାପତି ଇପ୍ସିତା ସାହୁ, କେପ୍‌ଟେନ୍ ମନ୍ମଥ ରାଉତରାୟ,ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ମୁଖପାତ୍ର ଡ଼.ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ଓ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ,ଉପ ସଭାପତି ଅନୁସୟା ପ୍ରଧାନ,ଶୁଭେନ୍ଦୁ ମଙ୍ଗରାଜ, ତାପସ ପାଣିଗ୍ରାହୀ, ନଗରପାଳ ପ୍ରତାପ କୁମାର ପ୍ରଧାନ, ଲେଲିନ ପ୍ରଧାନ, ଧ୍ରୁବଜ୍ୟୋତି ଗିରି, ଗୌତମ ପାତ୍ର, ଆନନ୍ଦ କର, ସୁରଜ ଚୌରାଶିଆ ପ୍ରମୁଖ ନେତୃବୃନ୍ଦ ଶ୍ରୀମତୀ ରାଉତଙ୍କ ସହିତ ଉପସ୍ଥିତ ଥିଲେ ।ଖୁବ୍ ଶୀଘ୍ର ଏହି ପ୍ରସଙ୍ଗ ଓଡିଶା ବିଧାନସଭାରେ ଉପସ୍ଥାପନ କରାଯିବା ସହିତ ଏକ ଉଚ୍ଚ ସ୍ତରୀୟ ତଦନ୍ତ କମିଟି ଗଠନ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ବିଜେଡି ନେତୃବୃନ୍ଦ ଦାବୀ କରିଥିଲେ ।ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଡ଼ିତା ପରିବାରଙ୍କୁ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ ମଧ୍ୟ ରାଜ୍ୟ ସରକାର ଅଦ୍ୟାବଧି କୌଣସି ସହାୟତା ରାଶି ପ୍ରଦାନ କରି ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିଲେ ।

ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ଛାତ୍ରୀଙ୍କ କୃତିତ୍ୱ

ଖଣ୍ଡପଡ଼ା,୧୭।୧୧ :(ମନ୍ଟୁନ) ଖଣ୍ଡପଡ଼ା ବ୍ଲକ ଖଲିସାହି ପଞ୍ଚାୟତ ଅଧୀନ ଇଚ୍ଛାପୁର ଗ୍ରାମର ଛାତ୍ରୀ ଅନ୍ୱେଷା ଷଡଙ୍ଗୀ ରାଜ୍ୟସ୍ତରୀୟ ସୁରଭି ବକ୍ତୃତା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନଅଧିକାର କରିଥିବା ସୂଚନା ମିଳିଛି । ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର ଯୁକ୍ତ ୨ରେ ଅଧ୍ୟୟନରତଅନ୍ୱେଷାଙ୍କ ଏହି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଏ ଅବସରରେମହାବିଦ୍ୟାଳୟରେ ଅନ୍ୱେଷାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ ଅଧକ୍ଷା ସ୍ମିତାଶେଫାଳି ମହାପାତ୍ର, ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି, ଅଧ୍ୟାପକ ଅର୍ଜିତ କୁମାର ବସନ୍ତରାୟ,ବିରଞ୍ଚି କୁମାର ମହାରଣା, ତୃପ୍ତିପ୍ରିୟା ସେଠୀ, ନିବେଦିତା ପଟ୍ଟନାୟକ, ବିଶ୍ୱଭାରତୀ ମହାରଣା,ନିରୂପମା ପ୍ରଧାନ, ଝରଣା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିବା ସହିତ ଛାତ୍ରୀଙ୍କ ଉତ୍ତୋରତର ଉନ୍ନତିକାମନା କରିଥିଲେ ।

ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ନବରଙ୍ଗପୁର,୧୭।୧୧ :(ମନ୍ଟୁନ) ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକତା କ୍ଷେତ୍ରରେ କର୍ତ୍ତବ୍ୟବୋଧ, ନିରପେକ୍ଷତା ଓ ଦାୟିତ୍ୱବୋଧର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଗଣତନ୍ତ୍ରର ସୁଦୃଢ଼ୀକରଣରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କର୍ତ୍ତବ୍ୟବୋଧ ଓ ଦାୟିତ୍ୱସମ୍ପନ୍ନ ସାମ୍ବାଦିକତା ହିଁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ଅଧିକ ମଜବୁତ କରିଥାଏ। ଖବରର ଲୋକପ୍ରିୟତା ଅପେକ୍ଷା ତଥ୍ୟର ସତ୍ୟତା, ବିଶ୍ୱସନୀୟତା ଓ ଜନସ୍ୱାର୍ଥକୁ ଅଧିକ ପ୍ରାଧାନ୍ୟ ଦେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ ।କାର୍ଯ୍ୟକ୍ରମର ମୁଖ୍ୟବକ୍ତା ତଥା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା, କୋରାପୁଟର ସହକାରୀ ପ୍ରାଧ୍ୟାପକ ଡ. ପ୍ରଦୋଷ ରଥ ଚଳିତ ବର୍ଷର ବିଷୟବସ୍ତୁ "ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ" ଉପରେ ନିଜର ସାରଗର୍ଭକ ଅଭିଭାଷଣ ରଖିଥିଲେ। ସେ ସାମ୍ପ୍ରତିକ



ସାମ୍ବାଦିକତାରେ ଲୋକପ୍ରିୟତା ହାସଲ କରିବାର ପ୍ରତିଯୋଗିତା ମଧ୍ୟରେ ନୈତିକତା, ନିରପେକ୍ଷତା ଓ ସାମାଜିକ ଦାୟିତ୍ୱବୋଧକୁ ଅକ୍ଷୁଣ୍ଣ ରଖିବାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଉପସ୍ଥିତ ସାମ୍ବାଦିକମାନଙ୍କ ସହ ବିଷୟବସ୍ତୁ ଉପରେ ଏକ ଖୋଲା ଓ ବିସ୍ତୃତ ଆଲୋଚନା ହୋଇଥିଲା ।କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଶ୍ୱଜିତ ବର୍ମନ ଯୋଗଦେଇ ସତ୍ୟନିଷ୍ଠା, ନିରପେକ୍ଷତା ଓ ଜନସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ସାମ୍ବାଦିକତାର ମୂଳ ଆଦର୍ଶକୁ ବଜାୟ ରଖିବା ସହ ଏକ ସଚେତନ ଓ ସୁଦୃଢ଼ ଗଣତନ୍ତ୍ର ଗଠନରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ସକ୍ରିୟ ଭୂମିକା ନିର୍ବାହ କରିବାକୁ ଏହି ଦିବସରେ ଆହ୍ୱାନ କରିଥିଲେ ।ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ଖୋସ୍ଲା ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସତ୍ୟନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଏହି ଅବସରରେ ଜିଲ୍ଲାରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସାପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସେହିପରି ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୧୭।୧୧ :(ମନ୍ଟୁନ) ଜିଲ୍ଲା କାର୍ଯ୍ୟାଳୟ ଠାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୨୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୯ଟି ବ୍ୟକ୍ତିଗତ ଓ ୧୦ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରାଯାଇଥିଲା । ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୭ ହଜାର ଟଙ୍କା ଚିକିତ୍ସାସହାୟତା ରାଶି ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା , ଗ୍ରାମ୍ୟ ସମସ୍ୟା, ସମେତ ବିଭିନ୍ନ ଅଭିଯୋଗ ଦଖଲ କରିଥିଲେ।

ପିପିଲିରେ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ସମାବେଶଗଣମାଧ୍ୟମ ବିନା ଗଣତନ୍ତ୍ର ସୁରକ୍ଷିତ ନୁହେଁ

ପିପିଲି,୧୭।୧୧ :(ମନ୍ଟୁନ) କାର୍ଯ୍ୟପାଳିକା, ନ୍ୟାୟପାଳିକା, ଆଇନ ପ୍ରଣୟନକାରୀ ସଂସ୍ଥା ଯେତିକି ଗୁରୁତ୍ୱପୂର୍ଣ୍ଣ, ଗଣମାଧ୍ୟମ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଗଣମାଧ୍ୟମ ବିନା ଗଣତନ୍ତ୍ର ସୁରକ୍ଷିତ ନୁହେଁ ବୋଲି ପିପିଲି ପୌରାଂଚଳ ଅନ୍ତର୍ଗତ ଖଣ୍ଡିଆଗିରି ସ୍ଥିତ ମାଣିକ ଗାର୍ଡେନ ଠାରେ ପିପିଲି ସାମ୍ବାଦିକ ସଂଘ, ପିପିଲି ପ୍ରେସ କ୍ଲବ ଓ ଉତ୍କଳମଣି ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ସମାବେଶରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ପିପିଲି ସାମ୍ବାଦିକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ 'ଗଣତନ୍ତ୍ରର ସୁରକ୍ଷାରେ ଗଣମାଧ୍ୟମର ଭୂମିକା'



ଦୁର୍ଗମ ଢେକୁନପାଣିରେ ଶିକ୍ଷା ବ୍ୟବସ୍ଥାର ଦୁରବସ୍ଥା

୮ଟି ଶ୍ରେଣୀକୁ ମାତ୍ର ଦୁଇ ଶିକ୍ଷକ



ନୂଆପଡ଼ା, ୧୭।୧୧ :(ମନ୍ଥନ)ଶିକ୍ଷା ହେଉଛି ମଣିଷ ଜୀବନର ଶ୍ରେଷ୍ଠ ସମ୍ପଦ ଏବଂ ଏହା ହେଉଛି ସମାଜର ପ୍ରଗତିର ମୂଳଦୁଆ। ପ୍ରତ୍ୟେକ ଶିଶୁକୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସରକାରଙ୍କ ମୌଳିକ ଦାୟିତ୍ୱ। ମାତ୍ର ନୂଆପଡ଼ା ଜିଲ୍ଲାର ଦୁର୍ଗମ ସୁନାବେଡ଼ା ଅଭୟାରଣ୍ୟ ଅନ୍ତର୍ଗତ ଢେକୁନପାଣି ଗ୍ରାମରେ ଶିକ୍ଷା ବ୍ୟବସ୍ଥାର ଯେଉଁ ଚିତ୍ର ସାମ୍ନାକୁ ଆସିଛି, ତାହା ସରକାରଙ୍କ ଶିକ୍ଷା ବିକାଶର ଦାବି ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ପଞ୍ଚାୟତର ଢେକୁନପାଣି ଗ୍ରାମରେ ଥିବା ବିଦ୍ୟାଳୟରେ ମୋଟ ୮ଟି ଶ୍ରେଣୀର ୧୨୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ଶିକ୍ଷାଦାନ ଦାୟିତ୍ୱରେ ଅଛନ୍ତି ମାତ୍ର ଦୁଇ ଜଣ ଶିକ୍ଷକ। ଏତେ ସଂଖ୍ୟକ ଛାତ୍ରଛାତ୍ରୀ ଓ ଶ୍ରେଣୀକୁ ମାତ୍ର ଦୁଇ ଜଣ ଶିକ୍ଷକ କିପରି ସମ୍ଭାଳୁଛନ୍ତି, ତାହା ସହଜରେ ଅନୁମେୟ। ଶିକ୍ଷକ ଅଭାବ ଯୋଗୁଁ ପିଲାମାନଙ୍କୁ ଆବଶ୍ୟକ ସମୟ ଦେଇ ପାଠ ପଢ଼ାଇବା ସହିତ ପ୍ରତ୍ୟେକ ଶ୍ରେଣୀର ଶିକ୍ଷଣ ଆବଶ୍ୟକତା ପୂରଣ କରିବା ଏକ ବଡ଼ ଆହ୍ୱାନ ପାଲଟିଛି ।କେବଳ ଶିକ୍ଷକ ଅଭାବ ନୁହେଁ, ବିଦ୍ୟାଳୟରେ ପର୍ଯ୍ୟାପ୍ତ ଶ୍ରେଣୀଗୃହର ଅଭାବ ମଧ୍ୟ ଶିକ୍ଷାଦାନକୁ ବ୍ୟାହତ କରୁଛି । ଗୋଟିଏ ମାତ୍ର ହଲ୍ ?ରେ ବିଦ୍ୟାଳୟର କାର୍ଯ୍ୟାଳୟ କାମ ସହିତ ବିଭିନ୍ନ ଶ୍ରେଣୀର ପାଠପଢ଼ା ଚାଲୁଥିବା ଜଣାପଡ଼ିଛି । ଏଭଳି ପରିବେଶରେ ଶିକ୍ଷକଙ୍କ ପାଇଁ ଶୃଙ୍ଖଳିତ ଭାବେ ଶିକ୍ଷାଦାନ କରିବା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଏକାଗ୍ରତାର ସହ ପାଠ ପଢ଼ିବା କେତେ ଦୁର୍ବିଷହ, ତାହା ସହଜରେ ବୁଝିହେଉଛି ।ସହରାଞ୍ଚଳରେ ଆଧୁନିକ ଶିକ୍ଷା ଓ ଡିଜିଟାଲ ଶିକ୍ଷଣର କଥା କୁହାଯାଉଥିବା ବେଳେ ଅନ୍ୟପଟେ ଦୁର୍ଗମ ଅଞ୍ଚଳର କୋମଳମତି ଶିଶୁମାନେ ମୌଳିକ ଶିକ୍ଷା ସୁବିଧାରୁ ବଞ୍ଚିତ ହେବା ଚିନ୍ତାର ବିଷୟ ପାଲଟିଛି । ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଏଭଳି ବୈଷମ୍ୟ କାହିଁକି ଦୁର୍ଗମ ଅଞ୍ଚଳରେ ଜନ୍ମ ନେଇଥିବା ଶିଶୁମାନଙ୍କର କ'ଣ ଗୁଣାତ୍ମକ ଶିକ୍ଷା ପାଇବାର ଅଧିକାର ନାହିଁ ଏଭଳି ଅନେକ ପ୍ରଶ୍ନ ଏବେ ଅଞ୍ଚଳବାସୀଙ୍କ ମନରେ ଉଙ୍କି ମାରୁଛି ।ଏହି ଅବ୍ୟବସ୍ଥାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି । ଦୁଃଖ ପ୍ରକାଶ କରି ଗ୍ରାମବାସୀ କହିଛନ୍ତି, "ଦୁର୍ଗମ ଗ୍ରାମରେ ରହୁଥିବା ଆମ ଭଳି ଲୋକଙ୍କ ପ୍ରତି ସରକାର ଏଭଳି ଅବହେଳା କାହିଁକି କରୁଛନ୍ତି ?ଗ ଆମ ଗାଁରେ ମୌଳିକ ସୁବିଧାର ଘୋର ଅଭାବ। ଆମ ପିଲାମାନଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଆବଶ୍ୟକ ସୁବିଧା ମଧ୍ୟ ନାହିଁ।"ଶିକ୍ଷା ହେଉଛି ପ୍ରତ୍ୟେକ ଶିଶୁର ମୌଳିକ ଅଧିକାର। ତେଣୁ ଦୁର୍ଗମ ଅଞ୍ଚଳର ଶିଶୁମାନଙ୍କ ଶିକ୍ଷାକୁ ଅବହେଳା କରିବା ଅର୍ଥ ସେମାନଙ୍କ ଭବିଷ୍ୟତ ସହ ଖେଳିବା ସଦୃଶ। ଏଣୁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି, ପର୍ଯ୍ୟାପ୍ତ ଶ୍ରେଣୀଗୃହ ନିର୍ମାଣ ଏବଂ ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମି ଯୋଗାଇଦେବାକୁ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି ।

ଭଏସ ଅଫ ମିଡ଼ିଆ ପକ୍ଷରୁ ୬୦ ତମ ଜାତୀୟ ସାମ୍ବାଦିକ ଦିବସ ପାଳିତ



ଫୁଲବାଣୀ, ୧୭।୧୧ :(ମନ୍ଥନ) ସ୍ଥାନୀୟ ଜିଲ୍ଲା ପ୍ରେସ କ୍ଲବ ଠାରେଭଏସ ଅଫ ମିଡ଼ିଆ କନ୍ଧମାଳ ଶାଖା ପକ୍ଷରୁ ୬୦ ତମ ଜାତୀୟ ପ୍ରେସ୍ ଦିବସ ମହା ସମାରୋହ ରେ ସଙ୍ଘ ସଭାପତି ଶିବାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭ ରେ ସଙ୍ଘ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ ଅତିଥି ମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ କ୍ଷମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଭଏସ ଅଫ ମିଡ଼ିଆର ଷ୍ଟେଟ ଭାଇସ ପ୍ରେସିଡେଣ୍ଟ ବିଭି ଶଙ୍କର ଯୋଗ ଦେଇ ଆଜିର ଦିନକୁ ଆମେ କାହିଁକି ପାଳନ କରୁଛେ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଆହୁରି ମଧ୍ୟ କହିଥିଲେ ଯେ ୧୯୬୬ ମସିହା ନଭେମ୍ବର ୧୬ ତାରିଖ ରେ ଭାରତୀୟ ପ୍ରେସ୍ ପରିଷଦ କାର୍ଯ୍ୟ ଆରମ୍ଭ କରିଥିଲା। ଏ ବର୍ଷର ବିଷୟ ବସ୍ତୁ ଥିଲା 'ସାମ୍ବାଦିକତା: ଲୋକପ୍ରିୟ ନା ଦାୟିତ୍ୱବାନ' । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବ୍ରଜ ବିହାରୀ ନନ୍ଦ ଯୋଗ ଦେଇ ସାମ୍ବାଦିକତା ର ବର୍ତ୍ତମାନ ସ୍ଥିତି ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେସୁନୀଲ ବିଶ୍ୱାଳ, ପ୍ରଶାନ୍ତ କୁମାର ବେହେରା, ସଦାଶିବ ପାତ୍ର ଓ ଅଶୋକକୁମାର ପରିଡା ପ୍ରମୁଖଯୋଗ ଦେଇ ଥିଲେ । ବରିଷ୍ଠ ସାମ୍ବାଦିକ ଡକ୍ଟର କାହ୍ନୁ ଚରଣ ଶତପଥୀ ସାମ୍ବାଦିକ ଓ ସାହିତ୍ୟିକ ରଆବଶ୍ୟକ ଉପରେ ଆଲୋଚନ କରିଥିଲେ।ଏଥି ସହିତ ଆଜି ର ସୋସିଆଲ୍ ମିଡିଆ ଯୁଗ ରେ ମିଛ ଖବର ବଢୁଛି । ଏଭଳି ସମୟ ରେ ସତ୍ୟ, ନିର୍ଭୀକ ଓ ଦାୟିତ୍ୱବାନ ସାମ୍ବାଦିକତା ହିଁ ଗଣତନ୍ତ୍ର କୁ ବଞ୍ଚାଇ ରଖିବ ବୋଲି କହିଥିଲେ ଯେ ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ସମାଜର ଅନ୍ୟାୟ, ଅନୀତି, ଦୁର୍ନୀତି ଓ ଅବ୍ୟବସ୍ଥାକୁ ଲୋକଲୋଚନକୁ ଆଣିବା ସହ ସାଧାରଣ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ସାମ୍ବାଦିକଙ୍କ ମୁଖ୍ୟ ଦାୟିତ୍ୱ ।କିନ୍ତୁ ଆଜିର ସମୟରେ ସାମ୍ବାଦିକତା ଅନେକ ଆହ୍ୱାନର ସମ୍ମୁଖୀନ। ସତ୍ୟ ଖବର ପ୍ରକାଶ କଲେ ସାମ୍ବାଦିକମାନେ ଧମକ, ଆକ୍ରମଣ ଓ ଚାପର ଶିକାର ହେଉଛନ୍ତି । ଅନେକ ସାମ୍ବାଦିକ ଆର୍ଥିକ ଅନିଶ୍ଚିତତା ମଧ୍ୟରେ କାର୍ଯ୍ୟ କରୁଛନ୍ତି । ନିୟମିତ ଦରମା, ସାମାଜିକ ସୁରକ୍ଷା, ପେନସନ୍ ଓ ସାମ୍ବାଦିକ ସୁରକ୍ଷା ଆଜିର ମୁଖ୍ୟ ଦାବି ପାଇଁ ଆହ୍ୱାନ ଦେଇଥିଲେ କ୍ଷ ଏହି ଅବସରରେ , ଗଣତନ୍ତ୍ର ର ଚତୁର୍ଥ ସ୍ତମ୍ଭ ଭାବେ ସାମ୍ବାଦିକ ମାନଙ୍କୁ ଲୋକ ଙ୍କ ସ୍ୱର ହୋଇ କାମ କରିବାକୁ ପଡିବ। କନ୍ଧମାଳ ଜିଲ୍ଲା ର ବିକାଶ, ଶିକ୍ଷା ଓ ଜନ ସମସ୍ୟା କୁ ସରକାର ଙ୍କ ପାଖ ରେ ପହଞ୍ଚାଇବା ରେ ସ୍ଥାନୀୟ ସାମ୍ବାଦିକ ମାନଙ୍କ ଭୂମିକା କୁ ସେ ପ୍ରଶଂସା କରିଥିଲେ ।ସଭାପତି ଶ୍ରୀ ପଟ୍ଟନାୟକ ଜିଲ୍ଲା ର ସମସ୍ତ ସାମ୍ବାଦିକ ଙ୍କୁ ଶୁଭେଚ୍ଛା ଜଣାଇ ଥିଲେ କାର୍ଯ୍ୟକ୍ରମ ଶେଷ ରେ ବରିଷ୍ଠ ସାମ୍ବାଦିକ ତଥା ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅଜିତ୍ ମହାରଣା ସଭା ସାଙ୍ଗ କରିଥିଲେ। ଏହି ଅବସର ରେ ଜିଲ୍ଲା ର ପ୍ରାୟ ୮୦ ଜଣ ବ୍ଲକ୍ ଓ ଗ୍ରାମା ଅଞ୍ଚଳ ବରିଷ୍ଠ ଓ କନିଷ୍ଠ ସାମ୍ବାଦିକ ଉପସ୍ଥିତ ଥିଲେ।

ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ କୁକୁଡ଼ାଖଣ୍ଡି ବିଇଓ



କୁକୁଡ଼ାଖଣ୍ଡି, ୧୭।୧୧ :(ମନ୍ଥନ)ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ। ନିଜ କାର୍ଯ୍ୟଦକ୍ଷତା ପାଇଁ ମିଳିଲା ରାଜ୍ୟସ୍ତରୀୟ ସ୍ୱୀକୃତି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି କୁକୁଡ଼ାଖଣ୍ଡି ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର। ୨୦୨୫ ଶିକ୍ଷାବର୍ଷ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରାଜ୍ୟର ମୋଟ ୧୦ ଜଣ ପୁରସ୍କାର ପାଇଛନ୍ତି ତନ୍ମଧ୍ୟରୁ ଗଞ୍ଜାମ ପାଇଁ ପୁରସ୍କୃତ ହୋଇଛନ୍ତି ବ୍ଲକ ଶିକ୍ଷାଧିକାରୀ। ଏହି ସଫଳତା କେବଳ କୁକୁଡ଼ାଖଣ୍ଡି ବ୍ଲକ ନୁହେଁ, ବରଂ ସମଗ୍ର ଗଞ୍ଜାମ ଜିଲ୍ଲା ପାଇଁ ଗୌରବର ବିଷୟ ପାଲଟିଛି। ଶିକ୍ଷାର ମାନ ବୃଦ୍ଧି, ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥାର ଉନ୍ନତି, ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଏବଂ ସରକାରୀ ଶିକ୍ଷା ଯୋଜନାର ସଫଳ ରୂପାୟନ ଦିଗରେ ତାଙ୍କର ଉଦ୍ୟମକୁ ଏହି ପୁରସ୍କାର ମାଧ୍ୟମରେ ସ୍ୱୀକୃତି ମିଳିଛି। ତେବେ ଏହି ପୁରସ୍କାର ପାଇଁ କେଉଁ କେଉଁ କାର୍ଯ୍ୟକୁ ମୁଖ୍ୟ ଆଧାର କରାଯାଇଥିଲା, ତାହା ଜାଣିବାକୁ ଶିକ୍ଷା ମହଲରେ ଉତ୍ସୁକତା ରହିଛି ।ଅନ୍ୟପଟେ ବ୍ଲକରେ ଶିକ୍ଷା କ୍ଷେତ୍ରରେ ଏବେ ବି କେଉଁ ସବୁ ଆହ୍ୱାନ ରହିଛି ଏବଂ ସେସବୁର ସମାଧାନ ପାଇଁ କି ଯୋଜନା ରହିଛି, ତାହା ଉପରେ ମଧ୍ୟ ନଜର ରହିଛି। ଆଗାମୀ ଦିନରେ କୁକୁଡ଼ାଖଣ୍ଡିକୁ ଶିକ୍ଷା କ୍ଷେତ୍ରରେ ଏକ ଆଦର୍ଶ ବ୍ଲକ ଭାବେ ଗଢ଼ିତୋଳିବା ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ରହିଛି। ଏହି ସମ୍ମାନ ପରେ କୁକୁଡ଼ାଖଣ୍ଡି ବ୍ଲକର ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଖୁସିର ମାହୋଲ। ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହି ପୁରସ୍କାର ଆଗାମୀ ଦିନରେ ବ୍ଲକର ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାରେ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି ।

ନୟାଗଡ଼ ଜିଲ୍ଲାରେ ସ୍ନାଚିଂ , ଘରୁ ଚୋରି ଓ ପଶୁ ଚୋରି ଘଟଣାର ପର୍ଦ୍ଦାଫାଶ

୨ ଲୁଟେରା ଏବଂ ଜଣେ ସୁନା କିଣାଳୀ ଗିରଫ



ନୟାଗଡ଼,୧୭।୧୧ :(ମନ୍ଥନ) ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଘଟିଥିବା ସ୍ନାଚିଂ (ଲୁଟ୍), ଘରୁ ଚୋରି ଏବଂ ମେଣ୍ଢା ଓ ଛେଳି ଚୋରି ଘଟଣାରେ ପୋଲିସ ସଫଳତା ହାସଲ କରିଛି । ଇଟାମାଟି, ନୟାଗଡ଼ ସଦର ଓ ଶରଣକୁଳ ଥାନା ପୋଲିସର ମିଳିତ ଚଢ଼ାଉରେ ୨ ଜଣ କୁଖ୍ୟାତ ଲୁଟେରା ଏବଂ ଚୋରି ସୁନା କିଣିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।ଗିରଫ ଅଭିଯୁକ୍ତମାନେ ନୟାଗଡ଼ ଯାଜଙ୍ଗସାହି କୈଳାସ ପ୍ରଧାନ,ବାଲୁଗାଁ ଗଡ଼ ଭିତର ସାହି ପଙ୍କଜ ଡାକୁଆ, ସୁନା କିଣାଳୀ ନୟାଗଡ଼ ତ୍ରିନାଥ ଛକ ଜୀବନ ଦାସ , ଏହି ଘଟଣାରେ ଜଡିତ ଅନ୍ୟତମ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ସ୍ୱାଇଁ ପୂର୍ବରୁ କୋର୍ଟ ଚାଲାଣ ହୋଇସାରିଛନ୍ତି ।ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଓଡି୨୫ ପି ୯୧୬୭ ନମ୍ବର ବାଇକ୍, ୧୨,୦୦୦ ଟଙ୍କା ନଗଦ, ଛିଣ୍ଡି ଯାଇଥିବା ସୁନା ହାର ଖଣ୍ଡେ ଏବଂ ୮ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଗତ ୫ ତାରିଖରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଭୀମପଡ଼ା ଗାଁର ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ମହାପାତ୍ର ସ୍ୱାମୀଙ୍କ ସହ ସ୍କୁଟିରେ ଯାଉଥିବାବେଳେ ପୁରୁଣା ବିଜିପୁରଠାରେ ୩ ଜଣ ଲୁଟେରା ଚଳନ୍ତା ଗାଡ଼ିରୁ ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଇଥିଲେ । ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସେହିଦିନ ଡିମିଶର ପେଟ୍ରୋଲ ପମ୍ପ ନିକଟରୁ ସୁବାସିନି ନାମକ ଅନ୍ୟ ଜଣେ ମହିଳାଙ୍କଠାରୁ ମଧ୍ୟ ସମାନ ଭାବେ ସୁନା ହାର ଓ ଅଳଙ୍କାର ଥିବା ଭ୍ୟାନିଟି ବ୍ୟାଗ୍ ଲୁଟ୍ ହୋଇଥିଲା । ସେହିପରି ନୟାଗଡ଼ ସଦର ଥାନା ଅନ୍ତର୍ଗତ ବାଲୁଗାଁର ବ୍ରଜ କିଶୋର ବାରିକଙ୍କ ଘରୁ ନଗଦ ଟଙ୍କା, ମୋବାଇଲ ଓ ଅଳଙ୍କାର ଚୋରି ହୋଇଥିବାବେଳେ ଶଙ୍କର ପଲେଇଙ୍କ ଘରୁ ଛେଳି ଏବଂ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଘରୁ ମେଣ୍ଢା ଚୋରି ହୋଇଥିବା ନେଇ ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଥିଲା ।ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଏହି ଅପରାଧର ପର୍ଦ୍ଦାଫାଶ କରିଛି । ପ୍ରାଥମିକ ତରଦନ୍ତରୁ ଜଣାପଡିଛି ଯେ ଏହି ଲୁଟେରାମାନେ ଫିରିଙ୍ଗିଆ ଥାନା ଅଞ୍ଚଳରେ ମଧ୍ୟ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଅଛନ୍ତି । ଚୋରିର ଅଧିକ ତଦନ୍ତ ଜାରି ରହିଛି ।ଏନେଇ ନୟାଗଡ଼ ଭାରପ୍ରାପ୍ତ ଏସ୍ଡିପିଓ ସୁଦୀପ୍ତ ସାହୁଙ୍କ ନେତୃତ୍ୱରେ ଇଟାମାଟି ଓ ନୟାଗଡ଼ ସଦର ଥାନାରେ ପୃଥକ ପୃଥକ ଭାବେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ତେବେ ଇଟାମାଟି ଥାନାରେ କେତେକ ହାତ ଗଣତି ସାମ୍ବାଦିକଙ୍କୁ ନେଇ ସାମ୍ବାଦିକ ସମ୍ମିଳନୀ କରାଇବା ଘଟଣାକୁ ନେଇ ନୟାଗଡ଼ ସଦର ଥାନାରେ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଏସଡପିଓଙ୍କ ସମ୍ମୁଖରେ ସାମ୍ବାଦିକ ମାନେ ଅସୋନ୍ତଷ ଓ ବିକ୍ଷୋଭ ପ୍ରକଶ କରିଥିଲେ । ଏହି ସମ୍ମିଳନୀରେ ଇଟାମାଟି ଥାନା ଆଇଆଇସି ପ୍ରିୟବ୍ରତ ରାଉତ, ଶରଣକୁଳ ଥାନା ଆଇଆଇସି ଅନିତା ସାହୁ ଏବଂ ନୟାଗଡ଼ ସଦର ଥାନା ଆଇଆଇସି ପ୍ରିୟତମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

୬୧ତମ ଜାତୀୟ ପ୍ରେସ୍ ଦିବସରେ ଶତତ ପରିଡ଼ା ସମ୍ବର୍ଦ୍ଧିତ








ଅଷ୍ଟରଙ୍ଗ,୧୭।୧୧ :(ମନ୍ଥନ)ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ (ଡଟଡଓ) ପକ୍ଷରୁ ଭୁବନେଶ୍ୱର ହୋଟେଲ କେଶରୀଠାରେ ୬୧ତମ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି । ଏହି ଉତ୍ସବରେ ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ତଥା ବିଶିଷ୍ଟ ରାଜନେତା ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଉଦ୍ଘାଟକ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରଫେସର ଡକ୍ଟର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ।ସେହିପରି ଦ୍ୱିତୀୟ ଅଧିବେଶନ ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଓଡ଼ିଶା ହାଇକୋର୍ଟର ନ୍ୟାୟମୂର୍ତ୍ତି ଡକ୍ଟର ଜଷ୍ଟିସ୍ ଡି.ପି. ଚୌଧୁରୀ, ସମ୍ବାଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ତଥା ବିଶିଷ୍ଟ ସାମ୍ବାଦିକ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ସଞ୍ଜୟ କୁମାର ବିଶ୍ୱାଳଯୋଗଦେଇ ଗଣମାଧ୍ୟମର ବିଶ୍ୱସନୀୟତା, ସାମ୍ବାଦିକଙ୍କ ଦାୟିତ୍ୱବୋଧ, ଅଧିକାର ଓ ବିଭିନ୍ନ ସମସ୍ୟା ଉପରେ ନିଜସ୍ୱ ମତ ରଖିଥିଲେ। ଉତ୍ସବରେ OUWJର ସଭାପତି ଶ୍ରୀ ସୁଜ୍ଞାନ ଚୌଧୁରୀ ସଭାପତିତ୍ୱ କରିଥିବା ବେଳେ ସଂଘର ସମ୍ପାଦକ ଶ୍ରୀ ପବିତ୍ର ପାତ୍ର, ସଂଯୋଜକ ଶ୍ରୀ ପ୍ରମୋଦ କିଶୋର ପରିଡ଼ା, ଶ୍ରୀ ଶରତ କୁମାର ପରିଡ଼ା ଓ ଶ୍ରୀ ପରମାନନ୍ଦ ମିଶ୍ର କାର୍ଯ୍ୟକ୍ରମର ସୁପରିଚାଳନାରେ ସହଯୋଗ କରିଥିଲେ ।ଏହି ଅବସରରେ ଅଷ୍ଟରଙ୍ଗ ପ୍ରେସ୍ କ୍ଲବ୍ ତଥା ଡଟଡଓ ପୁରୀ ଜିଲ୍ଲା ଶାଖାର ସଭାପତି ଶ୍ରୀ ଶରତ କୁମାର ପରିଡ଼ାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ସର୍ବସମ୍ମତିକ୍ରମେ ତାଙ୍କୁ ଡଟଡଓର କୋଷ୍ଟାଲ ଜୋନ୍ ସମ୍ପାଦକ ଭାବେ ମନୋନୀତ କରାଯାଇଥିବା ରାଜ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଅସିତ କୁମାର ମହାନ୍ତି ଘୋଷଣା କରିଥିଲେ ।ଏହି ସମ୍ବର୍ଦ୍ଧନାରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖାର ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡ଼ା, ଶୃଙ୍ଖଳ କମିଟି ଅଧକ୍ଷ ଜଗନ୍ନାଥ ବେହୁରା, ସାମାଜିକ ଗଣମାଧ୍ୟମ ସଂଯୋଜିକା ଅମ୍ରିତା ମହାନ୍ତି, ସାଧାରଣ ସମ୍ପାଦକ ଜ୍ୟୋତି ଶଙ୍କର ଦାଶ ଓ ବୃନ୍ଦାବନ ବିଶ୍ୱାଳ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ।

ବନଖଣ୍ଡ ସ୍ତରୀୟ ସାମୁଦ୍ରିକ କଇଁଚ ସୁରକ୍ଷା ଓ ସଂରକ୍ଷଣ ପାଇଁ ସମନ୍ୱୟ ବୈଠକ



ଗଞ୍ଜାମ,୧୭।୧୧ :(ମନ୍ଥନ)ବିରଳ ପ୍ରଜାତି ର ସାମୁଦ୍ରିକ କାଇଁଚ ଅଲିଭ ରିଡଲେ ଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୁରୁଣାବନ୍ଧ ଗ୍ରାମ ରେ ବ୍ରହ୍ମପୁର ବନଖଣ୍ଡ ସ୍ତରୀୟ ସାମୁଦ୍ରିକ କଇଁଚ ସୁରକ୍ଷା ଓ ସଂରକ୍ଷଣ ପାଇଁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଡି ଏଫ ଓ ସନି ଖୋଖର ଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସାମୁଦ୍ରିକ କଇଁଚ ମାନଙ୍କୁ କିପରି ସୁରକ୍ଷା ଦିଆ ଯାଇପାରିବ ସେ ସମ୍ପର୍କ ରେ ଆଲୋଚନା ହୋଇଥିଲା । ଆଗାମୀ କିଛି ଦିନ ମଧ୍ୟରେ ସମୁଦ୍ରର ନୀଳ ଜଳ ରାଶୀ ମଧ୍ୟରେ ସେମାନଙ୍କ ମିଳନ ପ୍ରକ୍ରିୟା, ପରେ ଗଣ ଅଣ୍ଡାଦାନଓ ବ

সমাজ
Wednesday November 18, 2026 Bhubaneswar
পৃথিবী ৫৮ তৈত্তিরম, ৩০৩৯, বুধবার



বন্দরের নাবিকদের ছেলেমেয়েদের জন্য বিনামূল্যে পড়াশোনার ব্যবস্থা

চালু হচ্ছে ডিজিটাল ক্লাস, সহায়তা করবে বন্দর কর্তৃপক্ষ

নিজস্ব প্রতিবেদন : বন্দরের নাবিক পরিবারের সন্তানদের জন্য বিনামূল্যে পড়াশোনার ব্যবস্থা করতে উদ্যোগ নিয়েছে কর্তৃপক্ষ। বুধবার বন্দর ভবনে এক সাংবাদিক বৈঠকে এই তথ্য জানান বন্দর চেয়ারম্যান সুবীর কুমার মহাপাত্র। তিনি বলেন, যেসব নাবিক দীর্ঘদিন সমুদ্রে থাকেন, তাঁদের সন্তানদের পড়াশোনায় নানা সমস্যা হয়। সেই কথা মাথায় রেখেই এই উদ্যোগ।

প্রথম ধাপে বন্দরের ৩২০ জন নাবিকের সন্তান এই সুবিধা পাবে। তাদের জন্য ১৫টি ট্যাবলেট, ইন্টারনেট ভাউচার এবং বিশেষ পড়ার বই দেওয়া হবে। বন্দর কর্তৃপক্ষ জানিয়েছে, প্রকল্পের জন্য ৪ লক্ষ ৭৫ হাজার টাকা বরাদ্দ করা হয়েছে। এর মধ্যে ইন্টারনেট খরচ বছরে ১২ হাজার টাকা।

বন্দর চেয়ারম্যান বলেন, “আমাদের অনেক নাবিক মাসের পর মাস জাহাজে থাকেন। তাঁদের সন্তানরা যাতে পড়াশোনায় পিছিয়ে না পড়ে, সেটা নিশ্চিত করা আমাদের দায়িত্ব।” তিনি জানান, প্রকল্পের তত্ত্বাবধানে থাকবেন বন্দরের কল্যাণ আধিকারিক। প্রতি তিন মাস অন্তর অগ্রগতি পর্যালোচনা করা হবে।

বন্দর সূত্রে জানা গেছে, ১৪ মে থেকে ৩০ মে পর্যন্ত ছাত্রছাত্রীদের জন্য বিশেষ ক্লাস নেবেন ১০ জন স্বেচ্ছাসেবী শিক্ষক। তাঁদের মধ্যে ৪ জন বন্দরের কর্মী। বাকিরা আসবেন স্থানীয় কলেজ থেকে। ক্লাস হবে বন্দর ভবনের একটি সভাকক্ষে। পরীক্ষা শেষে সেরা ফলাফলকারী ১০ জনকে পুরস্কার দেওয়া হবে।

নাবিক পরিবারের সন্তান অনুষ্কা দাস বলে, “বাবা জাহাজে থাকলে আমরা একা হয়ে যাই। মা একা সব সামলান। এখন যদি ক্লাসে পিছিয়ে পড়ি, তাহলে খুব খারাপ লাগবে।” তার মা সুজাতা দাস বলেন, “ছেলেমেয়েরা যাতে বাবার অভাব বুঝতে না পারে, সেটাই আমাদের চেষ্টা।”

বন্দর কর্তৃপক্ষ জানিয়েছে, প্রকল্পের সাফল্য দেখে পরবর্তী অর্থবছরে আরও ২০০ নাবিকের সন্তানকে এর আওতায় আনা হবে। সেক্ষেত্রে বাজেট বাড়িয়ে ১২ লক্ষ টাকা করা হতে পারে।

বন্দর কর্তৃপক্ষ ও শ্রমজগৎ যুগ্ম উদ্যোগে প্রকল্পটি চালু হবে, প্রতিবেদন : ২৯শে০৪৫৬৭

চাহিদা
বর্ষাস্নাতা বিবাহযোগ্যা কন্যা চাই। অভিজাত পরিবার। বর্ষাস্নাতা ও এলাচা গন্ধ অবশ্য। পাত্র ডাক্তার। ৩৫ পুরুষ স্বাস্থ্যবতী হইবে। যোগাযোগ করুন: ৫৯৮৭৬৫৪৩২১০

ঘরোয়া ক্রিকেট লিগে ফিরছে ‘ছয় ঘরে ছয়’ নিয়ম

চার বছর পর ফিরছে পুরনো নিয়ম



ঘরোয়া ক্রিকেটে ব্যাটারদের রান করার প্রবণতা বাড়াতে ‘ছয় ঘরে ছয়’ নিয়ম ফিরিয়ে আনছে বাংলাদেশ ক্রিকেট লিগ (বিসিএল)। ২০২১ সালে এই নিয়ম তুলে দেওয়া হয়েছিল। নতুন মৌসুম থেকে আবার এটি কার্যকর হবে। বুধবার বিসিএলের গভর্নিং কাউন্সিলের সভায় এই সিদ্ধান্ত নেওয়া হয়।

নিয়ম অনুযায়ী, কোনো ব্যাটার যদি ছয় ঘরে ছয়টি ছয় মারেন, তবে তাঁকে ১০ রান দেওয়া হবে। এ ছাড়া ম্যাচ শেষে সেরা ব্যাটার ও সেরা বোলারকে বিশেষ পুরস্কার দেওয়ার ঘোষণাও দিয়েছে বিসিএল কর্তৃপক্ষ।

বিসিএলের চেয়ারম্যান ও সাবেক অধিনায়ক তানভীর হাসান রুমন বলেন, “ছয় ঘরে ছয় নিয়ম ফিরিয়ে আনার পেছনে মূল কারণ হলো ব্যাটারদের আগ্রহ বাড়ানো। অনেক ক্লাব ক্রিকেটার এখন ছয় মারার চেষ্টা করেন না, কারণ ছয় মারলে রান বাড়ে না। আমরা চাই, ব্যাটাররা আবার ঝুঁকি নিয়ে বড় শট খেলুক।”

২০১৯ সালে প্রথমবার এই নিয়ম চালু হয়েছিল। তখন ঘরোয়া ক্রিকেটে ছয়ের সংখ্যা হঠাৎ বেড়ে যায়। ২০২০ সালে ব্যাটাররা মোট ১ হাজার ৪২৭টি ছয় মারেন, যা আগের মৌসুমের তুলনায় প্রায় ৩৭ শতাংশ বেশি। ফলে ম্যাচের ফল ও পিচের আচরণ নিয়ে সমালোচনা শুরু হয়। অনেক ক্লাব কোচ অভিযোগ করেন, ছয়ের লোভে ব্যাটাররা ইনিংস গড়ার ধৈর্য হারাচ্ছেন।

২০২১ সালে নিয়ম তুলে দেওয়ার পর ছয়ের সংখ্যা কমে আসে। ওই মৌসুমে ছয় মারেন ৯১২ জন ব্যাটার, যা আগের মৌসুমের তুলনায় ৩৭ শতাংশ কম। ব্যাটিং গড় ও স্ট্রাইক রেটও কিছুটা কমে যায়। ফলে ম্যাচের ফল ও পিচের আচরণ নিয়ে সমালোচনা শুরু হয়। অনেক ক্লাব কোচ অভিযোগ করেন, ছয়ের লোভে ব্যাটাররা ইনিংস গড়ার ধৈর্য হারাচ্ছেন।

বিসিএলের সাবেক ব্যাটার ও বর্তমান ধারাভাষ্যকার মাহবুবুল আলম সুমন বলেন, “ছয় ঘরে ছয় নিয়ম ব্যাটারদের ঝুঁকি নিতে উৎসাহিত করে। তবে বোলারদের জন্য এটি কঠিন সময়। তাই নিয়মের সঙ্গে সঙ্গে পিচ ও বোলিং পরিকল্পনার দিকেও নজর দিতে হবে।” তিনি মনে করেন, নতুন মৌসুমে ব্যাটারদের আক্রমণাত্মক মানসিকতা ফিরবে।

বিসিএল কর্তৃপক্ষ জানিয়েছে, নতুন নিয়মের ফল পর্যালোচনা করে ২০২৭ সালের মৌসুম শেষে আবার সিদ্ধান্ত নেওয়া হবে। সংস্থাটি আরও জানায়, ছয় ঘরে ছয় নিয়ম ফিরিয়ে আনার পাশাপাশি ঘরোয়া ক্রিকেটে ব্যাটারদের সহায়তা করতে ব্যাটিং কোচিং প্রোগ্রামও চালু করা হবে।

ଆଞ୍ଚଳିକ ସମୁନ

ବୁଧବାର,୧୮ ନଭେମ୍ବର ୨୦୨୬, ଭୁବନେଶ୍ୱର Wednesday,18 November 2026, Bhubaneswar



ଅରବିନ୍ଦ-ମନୀଷଙ୍କୁ ଭର୍ତ୍ସନା କଲେ ହାଇକୋର୍ଟ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି): ଏକ ଫୌଜଦାରୀ ଅବମାନନା ମାମଲାରେ ଦିଲ୍ଲୀ ହାଇକୋର୍ଟ ଆମ୍ ଆଦମୀ ପାର୍ଟି(ଏପିପି)ର ଜାତୀୟ ସଂଯୋଜକ ଅରବିନ୍ଦ କେଜରିୱାଲ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଏବଂ ଅନ୍ୟାନ୍ୟ ଦଳୀୟ ନେତାଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି। କୋର୍ଟ ସମସ୍ତ ସମ୍ପୃକ୍ତ ନେତାଙ୍କୁ ସେମାନଙ୍କର ଉତ୍ତର ଦାଖଲ ପାଇଁ ତିନି ସପ୍ତାହର ଶେଷ ସୁଯୋଗ ଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏହା ପରେ କୌଣସି ଅତିରିକ୍ତ ସମୟ ଦିଆଯିବ ନାହିଁ। ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ଦାଖଲ କରିବାରେ ବିଫଳ ହେଲେ ସେମାନଙ୍କର ଉତ୍ତର ଦେବାର ଅଧିକାର ସମାପ୍ତ ହୋଇପାରେ।ଶୁଣାଣି ସମୟରେ, ବିଚାରପତି ନବୀନ ଚାୱଲା ଏବଂ ବିଚାରପତି ଅରୁଣ ଭରଦ୍ୱାଜଙ୍କ ଖଣ୍ଡପୀଠ କଡ଼ା ମନ୍ତବ୍ୟ ଦେଇ କହିଛନ୍ତି,ଆପଣ ଆମକୁ ବାଟବଣା କରୁଛନ୍ତି। ଏହି ଫୌଜଦାରୀ ଅବମାନନା ମାମଲା ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଏବଂ ସୋସିଆଲ ମିଡିଆ ପୋଷ୍ଟ ସହିତ ଜଡିତ। ସୋସିଆଲ ମିଡିଆରେ ତାଙ୍କ ବିରୋଧରେ ଏକ ସୁଚିନ୍ତିତ ଅପମାନ ଅଭିଯାନ ସମ୍ପର୍କରେ ବିଚାରପତି ଚିନ୍ତା ପ୍ରକାଶ କରିଛନ୍ତି। ଏହି ମାମଲା ବିଚାରପତିଙ୍କ ଭାଷଣର ଆପତ୍ତିଜନକ



ସମ୍ପାଦିତ ଭିଡିଓ ଏବଂ କୋର୍ଟ କାର୍ଯ୍ୟର କ୍ଲିପ୍ ସୋସିଆଲ ମିଡିଆରେ ପ୍ରସାରିତ ହେବା ସହ ମଧ୍ୟ ଜଡିତ।ଅବମାନନା ମାମଲାରେ ନାମ ଥିବା ନେତାମାନଙ୍କ ମଧ୍ୟରେ କେଜରିୱାଲ ଏବଂ ସିସୋଦିଆଙ୍କ ସମେତ ସଞ୍ଜୟ ସିଂହ, ସୌରଭ ଭରଦ୍ୱାଜ, ଦୁର୍ଗେଶ ପାଠକ ଏବଂ ବିନୟ ମିଶ୍ର ଅଛନ୍ତି। ହାଇକୋର୍ଟ ଏହି ମାମଲାରେ ୧୪ ମେ'ରେ ଫୌଜଦାରୀ ଅବମାନନା ମାମଲା ଆରମ୍ଭ କରିଥିଲେ ଏବଂ ୧୯ ମେ'ରେ ସମ୍ପୃକ୍ତ ନେତାମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଶୁଣାଣି ସମୟରେ କେଜରିୱାଲଙ୍କ ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ, ତାଙ୍କୁ ମାମଲା ସହିତ ଜଡିତ ସମସ୍ତ କାଗଜପତ୍ର ପ୍ରଦାନ କରାଯାଇ ନାହିଁ। ତେବେ ହାଇକୋର୍ଟ ରେଜିଷ୍ଟ୍ରି ନିଶ୍ଚିତ କରିଛନ୍ତି ଯେ, ପ୍ରାସଙ୍ଗିକ ମାମଲାର ରେକର୍ଡ ଉପଲବ୍ଧ କରାଯାଇଛି। ଏହା ପରେ କୋର୍ଟ ଜବାବ ଦାଖଲ ପାଇଁ ସମୟସୀମା ଧାର୍ଯ୍ୟ କରିଛନ୍ତି।ଏହି ବିବାଦ ଫେବ୍ରୁଆରି ୨୭ ତାରିଖରେ ଦିଲ୍ଲୀ ଉତ୍ପାଦ ନୀତି ମାମଲାରେ ଟ୍ରାଏଲ୍ କୋର୍ଟଙ୍କ ନିର୍ଦ୍ଦେଶ ସହିତ ଆରମ୍ଭ ହୋଇଥିଲା। ଟ୍ରାଏଲ୍ କୋର୍ଟ ଅରବିନ୍ଦ କେଜରିୱାଲ ଏବଂ ମନୀଷ ସିସୋଦିଆଙ୍କ ସମେତ ୨୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିଥିଲା। ଏହି ମାମଲାର ଶୁଣାଣି ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମା କରୁଥିଲେ। ଶୁଣାଣି ସମୟରେ କେଜରିୱାଲ, ସିସୋଦିଆ ଏବଂ ଅନ୍ୟ ନେତାମାନେ ବିଚାରପତିଙ୍କୁ ମାମଲାର ଶୁଣାଣିରୁ ନିଜକୁ ଓହରିଯିବାକୁ ଅନୁରୋଧ କରିଥିଲେ। ତେବେ ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମା ସେମାନଙ୍କ ଅନୁରୋଧକୁ ଖାରଜ କରିଦେଇଥିଲେ।ଏହା ପରେ କେଜରିୱାଲ, ସିସୋଦିଆ ଏବଂ ଦୁର୍ଗେଶ ପାଠକ ଘୋଷଣା କରିଥିଲେ ଯେ, ସେମାନେ ବ୍ୟକ୍ତିଗତ ଭାବରେ କିମ୍ବା ସେମାନଙ୍କ ଆଇନଜୀବୀ କୋର୍ଟରେ ହାଜର ହେବେ ନାହିଁ। ସେମାନେ ଏହାକୁ ସତ୍ୟାଗ୍ରହ ଏକ ସ୍ୱରୂପ ବୋଲି କହିଥିଲେ।

ଯୋଗୀଙ୍କ ଅଭିଯୋଗ ଉପରେ ନିର୍ବାଚନ ଆୟୋଗଙ୍କ ସ୍ପଷ୍ଟୀକରଣ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି):ପ୍ରାୟ ୧.୨୭ କୋଟି ହିନ୍ଦୁ ଭୋଟରଙ୍କ ନାଁ ତାଲିକାରୁ ବାଦ୍ ପଡ଼ିଥିବା ନେଇ ଦାବି କରିଥିଲେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ମୁଖ୍ୟମନ୍ତ୍ରୀଙ୍କ ଏହି ଦାବି ଉପରେ ରାଜ୍ୟ ନିର୍ବାଚନ ଆୟୋଗ ସ୍ୱାଧୀକରଣ ରଖିଛନ୍ତି । ମଖ୍ୟ ନିର୍ବାଚନ ଅଧିକାରୀ ନବଦୀପ ରିନୱା ମଙ୍ଗଳବାର କହିଛନ୍ତି ଯେ, ନିର୍ବାଚନ ଆୟୋଗ ଭୋଟରମାନଙ୍କର ଧର୍ମ କିମ୍ବା ଜାତି ଆଧାରରେ କୌଣସି ତଥ୍ୟ ସଂଗ୍ରହ କରନ୍ତି ନାହିଁ । ଏଭଳି କୌଣସି ରିପୋର୍ଟ ମଧ୍ୟ ପ୍ରକାଶ କରନ୍ତି ନାହିଁ।ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଝଓଜ ପ୍ରକ୍ରିୟା ପରେ ପ୍ରକାଶିତ ଭୋଟର ତାଲିକାରେ ଅନିୟମିତତା ହୋଇଥିବା ନେଇ ଚିନ୍ତା ପ୍ରକାଶ କରିଥିଲେ। ସେ ଦାବି କରିଥିଲେ ଯେ, ରାଜ୍ୟ ପଞ୍ଚାୟତ ନିର୍ବାଚନ ଭୋଟର ତାଲିକାରେ ଥିବା ପ୍ରାୟ ୧.୨୭ କୋଟି ହିନ୍ଦୁ ଭୋଟରଙ୍କ ନାଁ ଭାରତୀୟ ନିର୍ବାଚନ ଆୟୋଗଙ୍କ ଭୋଟର ତାଲିକାରୁ ବାଦ୍ ପଡ଼ିଛି । ଏହା ବ୍ୟତୀତ ସରକାରୀ ଜନକଲ୍ୟାଣକାରୀ ଯୋଜନାର ପ୍ରାୟ ୫୫ ଲକ୍ଷ ହିନ୍ଦୁ ହିତାଧିକାରୀ ଏବଂ ୧୮ରୁ ୧୯ ବର୍ଷ ବୟସର ପ୍ରାୟ ୪.୫ ଲକ୍ଷ ନୂଆ ଭୋଟରଙ୍କ ସମେତ ମୋଟ ୬୬ ଲକ୍ଷ ଯୋଗ୍ୟ ଭୋଟରଙ୍କ ନାଁ ତାଲିକାରେ ନଥିବା ସେ ଅଭିଯୋଗ କରିଥିଲେ। ନିର୍ବାଚନ ଆୟୋଗ ଏକ ସ୍ୱାଧୀନ ସାମ୍ବିଧାନିକ ସଂସ୍ଥା ବୋଲି ଉଲ୍ଲେଖ କରିବା ସହ ଏହି ତ୍ରୁଟିର ସ୍ପଷ୍ଟୀକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଗଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିବା କହିଥିଲେ ଯୋଗୀ ଆଦିତ୍ୟନାଥ । ମୁଖ୍ୟମନ୍ତ୍ରୀଙ୍କ ଏହି ଦାବି ଉପରେ ପ୍ରତିକ୍ରିୟା



ରଖି ମୁଖ୍ୟ ନିର୍ବାଚନ ଅଧିକାରୀ ନବଦୀପ ରିନୱା କହିଛନ୍ତି ଯେ, ନିର୍ବାଚନ ବିଭାଗର ଡାଟାବେସରେ କେବଳ ଭୋଟରଙ୍କ ନାମ, ପିତା କିମ୍ବା ସ୍ୱାମୀଙ୍କ ନାମ, ବୟସ, ଘର ନମ୍ବର ଏବଂ ଲିଙ୍ଗ ସମ୍ବନ୍ଧୀୟ ତଥ୍ୟ ରହିଥାଏ। ଏଥିରେ ଜାତି କିମ୍ବା ଧର୍ମର କୌଣସି ଉଲ୍ଲେଖ ନଥାଏ। ସେ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଭୋଟର ତାଲିକା ଏକ ସାର୍ବଜନୀନ ଦସ୍ତାବିଜ ହୋଇଥିବାରୁ ଗଣମାଧ୍ୟମ ସଂସ୍ଥା ଏବଂ ସ୍ୱତନ୍ତ୍ର ବିଶ୍ଳେଷକମାନେ ଭୋଟରଙ୍କ ନାମ ଓ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି ନିଜସ୍ୱ ଆକଳନ କରିଥାନ୍ତି। ତେବେ ଏଭଳି ଆକଳନକୁ ନିର୍ବାଚନ ବିଭାଗର ସରକାରୀ ତଥ୍ୟ ବା ନିଷ୍କର୍ଷ ଭାବରେ ଗ୍ରହଣ କରାଯିବା ଉଚିତ ନୁହେଁ।ଅନ୍ୟପଟେ, ଆଗାମୀ ୨୦୨୭ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ମଙ୍ଗଳବାର ଦିନ ଉତ୍ତରପ୍ରଦେଶର ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୬ ଅଧୀନରେ ପ୍ରକାଶିତ ଏହି ଚିଠା ତାଲିକାରେ ମୋଟ ୧୩ କୋଟି ୫୮ ଲକ୍ଷ ୬୮ ହଜାର ୯୦୫ ଜଣ ଭୋଟର ଅଛନ୍ତି। ଏମାନଙ୍କ ମଧ୍ୟରେ ୭ କୋଟି ୩୮ ଲକ୍ଷ ୫୮ ହଜାର ୫୧୦ ଜଣ ପୁରୁଷ, ୬ କୋଟି ୨୦ ଲକ୍ଷ ୬ ହଜାର ୩୫୩ ଜଣ ମହିଳା ଏବଂ ୪,୦୪୨ ଜଣ ତୃତୀୟ ଲିଙ୍ଗୀ ଭୋଟର ସାମିଲ । ଏହାସହ ଏହି ତାଲିକାରେ ୧୮ରୁ ୧୯ ବର୍ଷ ବୟସ ବର୍ଗର ୧୧ ଲକ୍ଷ ୮୩ ହଜାର ୩୫୨ ଜଣ ଯୁବ ଭୋଟରଙ୍କ ନାଁ ଯୋଡ଼ାଯାଇଛି। ଏପ୍ରିଲ ୧୦, ୨୦୨୬ରେ ପ୍ରକାଶିତ ଚୂଡ଼ାନ୍ତ ତାଲିକା ତୁଳନାରେ ଏହି ଚିଠା ତାଲିକାରେ ମୋଟ ୧୮ ଲକ୍ଷ ୮୪ ହଜାର ୧୧୩ ଜଣ ଭୋଟର ବୃଦ୍ଧି ପାଇଛନ୍ତି।

ଇରାନରେ ଭୟଙ୍କର ସଂକଟ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି):ଖାଦ୍ୟ ଯୋଗାଡ଼ କରିବାକୁ ଏବେ ନିଜ ଶରୀରକୁ ବିକ୍ରି କରୁଛନ୍ତି ଲୋକେ । ଋଣ ବୋଝ ଏତେ ଅସହ୍ୟ ହୋଇପଡିଛି ଯେ, ଶେଷରେ କିଡ୍ନୀ, ବୋନ୍ ମ୍ୟାରୋ ଏବଂ ଆଖିର ସ୍ୱଚ୍ଛପଟଳ ବିକ୍ରି କରିବାକୁ ବାହାରିଛନ୍ତି ଲୋକେ। ଏ କୌଣସି କାଳ୍ପନିକ କାହାଣୀ ନୁହେଁ, ବରଂ ଇରାନରୁ ସାମ୍ନାକୁ ଆସିଥିବା ଏକ ଚିନ୍ତାଜନକ ଚିତ୍ର। ଯୁଦ୍ଧର ଯୋଗୁଁ ଅର୍ଥନୈତିକ ସଂକଟ ଏବଂ ଦରଦାମ୍ ବୃଦ୍ଧି ଭିତରେ ଏବେ ନିଜ ଶରୀରର ଅଙ୍ଗ ବିକ୍ରି କରି ବଞ୍ଚିବାକୁ ବାଧ୍ୟ ହେଉଛନ୍ତି କିଛି ଇରାନୀ ନାଗରିକ।ମଧ୍ୟପ୍ରାଚ୍ୟରେ ଲମ୍ବା ସମୟ ଧରି ଚାଲିଥିବା ଯୁଦ୍ଧ ଯୋଗୁ ଭୟଙ୍କର ଅର୍ଥନୈତିକ ଚାପ ମଧ୍ୟରେ ଗତି କରୁଛି ଇରାନ । ଏହି ସଂକଟ ବେଳେ ଋଣ ବୋଝରେ ବୁଡ଼ିଛନ୍ତି ଲୋକେ। ବୋଝକୁ ସହଜ କରିବା ପାଇଁ ତଥା ମୌଳିକ ଆବଶ୍ୟକତା ପୂରଣ ଲାଗି ସେମାନେ କିଡ୍ନୀ, ବୋନ୍ ମ୍ୟାରୋ ଏବଂ ସ୍ୱଚ୍ଛପଟଳ ଭଳି ଶରୀର ଅଙ୍ଗ ବିକ୍ରି କରୁଛନ୍ତି । ଏକ ଯାଞ୍ଚରୁ ଏଭଳି ଏକ ଅନ୍ଲାଇନ୍ ବଜାରର ସୂଚନା ମିଳିଛି, ଯେଉଁ ବଜାରରେ ଆର୍ଥିକ ଚାପରେ ଥିବା ଇରାନ ଲୋକମାନେ ବିକ୍ରି ନିମନ୍ତେ ସେମାନଙ୍କ ଶରୀର ଅଙ୍ଗର ବିଜ୍ଞାପନ କରୁଛନ୍ତି। ପରିବାରର ଭବିଷ୍ୟତ ସୁରକ୍ଷା ଲାଗି କିଛି ଲୋକ ସେମାନଙ୍କ ଶରୀରର ଅତି ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ବିକ୍ରି କରି ବା ପାଇଁ ବି ପଛଘୁଞ୍ଚା ଦେଉନାହାନ୍ତି ।ଇରାନ ନାଗରିକମାନଙ୍କ ଉପରେ ଅର୍ଥନୈତିକ ଅନିଶ୍ଚିତତାର ପ୍ରଭାବ କେତେଦିନ ରହିବ, ତାହାକୁ ନେଇ ପ୍ରଶ୍ନବାଚୀ ରହିଛି। ଆମେରିକାର ବୈଦେଶିକ ସଚିବ ମାର୍କ ରୁବିଓ ଚେତାବନୀ ଦେଇଛନ୍ତି ଯେ, ଅନିର୍ଦ୍ଦିଷ୍ଟ କାଳ ପାଇଁ ଇରାନ ଉପରେ ଚାପ ଜାରି ରହିବ। ଏହା ହେଲେ ଆଗକୁ ଇରାନ ଅର୍ଥନୀତି ଆହୁରି ଖସିବା ନେଇ ଆଶଙ୍କା କରାଯାଉଛି। ମେ'ରୁ ଅକ୍ଟୋବର ମଧ୍ୟରେ ଏକ ଟେଲିଗ୍ରାମ ଚ୍ୟାନେଲରେ ଦିଆଯାଇଥିବା ୬୦୦ରୁ ଊର୍ଦ୍ଧ୍ୱ ବିଜ୍ଞାପନକୁ ସମୀକ୍ଷା କରିଥିଲା। ପ୍ରତି ୩ରୁ ଗୋଟିଏ ବିଜ୍ଞାପନରେ ଏକରୁ ଅଧିକ ଶରୀର ଅଂଶ ଏବଂ ଶରୀର ଟିସୁକୁ ଅଫର କରାଯାଇଥିବା ଜଣାପଡ଼ିଛି।

'ମୁଁ ପୁଣିଥରେ ଭୟଭୀତ': ବିଲକିସ୍ ବାନୋ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି):୨୦୦୨ ଗୁଜରାଟ ଦଙ୍ଗା ସମୟରେ ଘଟିଥିବା ବହୁଚର୍ଚ୍ଚିତ ଗଣଦୁଷ୍କର୍ମ ଓ ହତ୍ୟା ମାମଲାର ଦୁଇ ଦୋଷୀଙ୍କ ଆଜୀବନ କାରାଦଣ୍ଡାଦେଶକୁ ସୁପ୍ରିମକୋର୍ଟ ସ୍ଥଗିତ ରଖି ଜାମିନ ପ୍ରଦାନ କରିବା ପରେ ପୀଡ଼ିତା ବିଲକିସ୍ ବାନୋ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ପୂର୍ବରୁ ତାଙ୍କୁ କୌଣସି ସୂଚନା ଦିଆଯାଇନଥିଲା କିମ୍ବା ତାଙ୍କର ପକ୍ଷ ଶୁଣାଯାଇନଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଗଣମାଧ୍ୟମ ରିପୋର୍ଟରୁ ସେ ଏହି ଖବର ପାଇ ସ୍ତବ୍ଧ ହୋଇଯାଇଥିବା ବେଳେ, ଯେଉଁ ଭୟକୁ ଦୂର କରିବା ପାଇଁ ସେ ଦୀର୍ଘ ଦୁଇ ଦଶନ୍ଧି ଧରି ସଂଘର୍ଷ କରିଥିଲେ, ତାହା ପୁଣିଥରେ ଫେରି ଆସିଛି ବୋଲି ସେ କହିଛନ୍ତି।ନିଜ ଓକିଲ ବରିଷ୍ଠ ଆଡଭୋକେଟ୍ ଶୋଭା ଗୁପ୍ତାଙ୍କ ମାଧ୍ୟମରେ ଜାରି କରିଥିବା ଏକ ଭାବପ୍ରବଣ ବିବୃତ୍ତିରେ ବିଲକିସ୍ କହିଛନ୍ତି ଯେ, ତାଙ୍କୁ ନଡାକି ଏବଂ ତାଙ୍କ କଥା ନଶୁଣି କୋର୍ଟ ଏହି ଆଦେଶ ଦେଇଛନ୍ତି। ୨୦୦୨ ମସିହାର ସେହି ଭୟଙ୍କର



ଦଙ୍ଗାକୁ ମନେପକାଇ ସେ କହିଛନ୍ତି ଯେ, ସେତେବେଳେ ତାଙ୍କୁ ମାତ୍ର ୧୯ ବର୍ଷ ହୋଇଥିଲା ଏବଂ ସେ ପାଞ୍ଚ ମାସର ଗର୍ଭବତୀ ଥିଲେ। ସେହି ହିଂସାରେ ତାଙ୍କ ତିନି ବର୍ଷର ଝିଅ ସାଲେହା ସମେତ ପରିବାରର ସାତ ଜଣ ସଦସ୍ୟଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଗତ ୨୪ ବର୍ଷ ଧରି ସେ ନିଜ ପାଇଁ ଏବଂ ଦେଶର ପ୍ରତ୍ୟେକ ମହିଳାଙ୍କ ନ୍ୟାୟ ପାଇଁ ଲଢେଇ କରିଆସୁଛନ୍ତି, ମାତ୍ର ବର୍ତ୍ତମାନର ନିଷ୍ପତ୍ତି ତାଙ୍କ ସୁରକ୍ଷା ବୋଧକୁ ଭାଙ୍ଗି ଦେଇଛି। ନିଜ ପିଲାମାନଙ୍କୁ ଭୟମୁକ୍ତ ଜୀବନ ଦେବା ପାଇଁ ସେ ଏହି ଆଦେଶକୁ ପୁଣିଥରେ ଚ୍ୟାଲେଞ୍ଜ କରିବେ ବୋଲି ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ସୋମବାର ଜଷ୍ଟିସ୍ ଏମଏମ୍ ସୁନ୍ଦରେଶ ଏବଂ ଜଷ୍ଟିସ୍ ପିବି ଭରାଲେଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଏକ ଖଣ୍ଡପୀଠ ଏହି ମାମଲାର ଦୁଇ ଦୋଷୀ ବିପିନ ଚନ୍ଦ୍ର ଯୋଶୀ ଏବଂ ପ୍ରଦୀପ ମୋରଧିଆଙ୍କ ଆଜୀବନ କାରାଦଣ୍ଡାଦେଶକୁ ସ୍ଥଗିତ ରଖି ଜାମିନ ମଞ୍ଜୁର କରିଥିଲେ। ଉଭୟ ଦୋଷୀ ୧୭ ବର୍ଷରୁ ଅଧିକ ସମୟ ଜେଲରେ କାଟିସାରିଥିବା ଏବଂ ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ଭିନ୍ନକ୍ଷମ ହୋଇଥିବା ତଥ୍ୟକୁ କୋର୍ଟ ବିଚାରକୁ ନେଇଥିଲେ। ଏଥିସହିତ ସେମାନଙ୍କ ଆବେଦନରେ ଆଇନଗତ ଦିଗଗୁଡ଼ିକର ବିଚାର ବାକି ଥିବାରୁ ନିମ୍ନ ଅଦାଲତଙ୍କ ସର୍ତ୍ତ ଅନୁଯାୟୀ ସେମାନଙ୍କୁ ଜାମିନରେ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ଜାନୁଆରୀ ୮ ତାରିଖରେ ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କ ନିଷ୍ପତ୍ତିକୁ ରଦ୍ଦ କରି ଏହି ଦୁଇ ଜଣଙ୍କ ସମେତ ମୋଟ ୧୧ ଜଣ ଦୋଷୀଙ୍କ ଦଣ୍ଡ କୋହଳ ଆଦେଶକୁ ଖାରଜ କରିଦେଇଥିଲେ।

ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରଶଂସା କଲେ ଟ୍ରମ୍ପ


ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି): ଫିଲିପାଇନ୍ସର ରାଜଧାନୀ ମନିଲାରେ କ୍ୱାର୍ଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କୁ ଏକାଠି ଦେଖିବାକୁ ମିଳିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶଂସାରେ ପୋତିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଜଣେ ବହୁତ ଶକ୍ତିଶାଳୀ ବ୍ୟକ୍ତି। ଏହି ଅବସରରେ ରାଷ୍ଟ୍ରପତି ଟ୍ରମ୍ପ ଚୀନ ସହିତ ମତଭେଦ, ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଉତ୍ତର କୋରିଆର ନେତା କିମ ଜଙ୍ଗ ଉନ୍‌ଙ୍କ ସହିତ ସମ୍ଭାବ୍ୟ



ଭେଟକୁ ନେଇ ମଧ୍ୟ ବୟାନ ଦେଇଛନ୍ତି। କ୍ୱାର୍ଡ ନେତାଙ୍କ ସହିତ ମଞ୍ଚରେ ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରଶଂସା କରିବା ସହିତ ସେ ଜଣେ ଶକ୍ତିଶାଳୀ ମଣିଷ ବୋଲି କହିଛନ୍ତି। ଟ୍ରମ୍ପଙ୍କ ଏହି ଟିପ୍ପଣୀ ଉଭୟ ନେତାଙ୍କ ଭେଟ ସମୟରେ ଆସିଛି। ଚୀନ ସହିତ ମତଭେଦକୁ ନେଇ ଗଣମାଧ୍ୟମର ପ୍ରଶ୍ନରେ ଟ୍ରମ୍ପ କହିଛନ୍ତି, ମତଭେଦକୁ ଭଲଭାବରେ ପରିଚାଳନା କରାଯାଇଛି। ସେହିପରି ଇରାନ ପ୍ରସଙ୍ଗରେ ଟ୍ରମ୍ପ କହିଛନ୍ତି, ଆମେରିକା ଏହାକୁ ବହୁତ ଗମ୍ଭୀରତା ସହିତ ନେଇଛି। ଆମେ ଏହାକୁ ବହୁତ ଗମ୍ଭୀରତାର ସହିତ ନେଉଛୁ। ଏହା କାରଣ ଯେ, ଇରାନ ପାଖରେ ପରମାଣୁ ଅସ୍ତ୍ର ନ ରହିବା ଦରକାର। ଉତ୍ତର କୋରିଆର ନେତା କିମ୍ ଜଙ୍ଗ ଉନ୍‌ଙ୍କ ସହିତ ସମ୍ଭାବ୍ୟ ବୈଠକକୁ ନେଇ ଟ୍ରମ୍ପ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, କିମ ଜଙ୍ଗ ଉନ୍ ତାଙ୍କୁ ଭେଟିବା ଦରକାର। ଦେଖାଯାଉ ଆଗକୁ କ'ଣ ଘଟୁଛି।

ଆଜମ ଖାନଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି): ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ ଖାନଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଜାଲ ଜନ୍ମ ପ୍ରମାଣପତ୍ର ମାମଲାରେ ତାଙ୍କ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ କାଏମ୍ ରଖି ଆହ୍ଲାବାଦ ହାଇକୋର୍ଟଙ୍କର ରାୟ ବିରୋଧରେ ଉତ୍ତର ପ୍ରଦେଶ ସରକାରଙ୍କ ଆବେଦନକୁ ଖାରଜ କରିଛନ୍ତି। ମଙ୍ଗଳବାର ଶୁଣାଣି ସମୟରେ, ସୁପ୍ରିମକୋର୍ଟ ଆଜମ ଖାନଙ୍କ ପତ୍ନୀ ତାଜିନ୍ ଫାତିମା ଏବଂ ପୁଅ ଅବଦୁଲ୍ଲା ଆଜମ ଖାନଙ୍କୁ ମଧ୍ୟ ଆଶ୍ୱସ୍ତି ପ୍ରଦାନ କରି ସେମାନଙ୍କ ଆବେଦନକୁ ଗ୍ରହଣ କରିଛନ୍ତି। ଉଭୟେ ସେମାନଙ୍କୁ ସମାନ ଆଶ୍ୱସ୍ତି ପ୍ରଦାନ ନକରା ଯାଇଥିବାରୁ ହାଇକୋର୍ଟଙ୍କର ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ବିଚାରପତି ଦୀପଙ୍କର ଦତ୍ତା ଏବଂ ଶୀଳ ନାଗୁଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି।ଏହି ମାମଲାରେ ଆଜମ ଖାନଙ୍କ ପୁଅ ଅବଦୁଲ୍ଲା ଆଜମ ଖାନଙ୍କ ପାଇଁ ଦୁଇଟି ଭିନ୍ନ ଜନ୍ମ ପ୍ରମାଣପତ୍ର ଜଡିତ। ଅଭିଯୋଗ ଥିଲା ଯେ ଅବଦୁଲ୍ଲା ଆଜମଙ୍କ ପାଇଁ ଦୁଇଟି ଜନ୍ମ ପ୍ରମାଣପତ୍ର ଜାରି କରାଯାଇଥିଲା, ପ୍ରତ୍ୟେକଟିର ଜନ୍ମ ତାରିଖ ଭିନ୍ନ ଥିଲା। ଗୋଟିଏ ପ୍ରମାଣପତ୍ରରେ ତାଙ୍କର ଜନ୍ମ ତାରିଖ ୧ ଜାନୁଆରି ୧୯୯୩ ଏବଂ ଅନ୍ୟଟିରେ ୩୦ ସେପ୍ଟେମ୍ବର ୧୯୯୦ ଉଲ୍ଲେଖ ଥିଲା। ଅଭିଯୋଗ ଅନୁଯାୟୀ, ଦ୍ୱିତୀୟ ଜନ୍ମ ତାରିଖ ଥିବା ପ୍ରମାଣପତ୍ରଟି ୨୦୧୭ ବିଧାନସଭା ନିର୍ବାଚନରେ ନାମାଙ୍କନ ଦାଖଲ କରିବା ପାଇଁ ବ୍ୟବହାର କରାଯାଇଥିଲା। ବିଜେପି ନେତା ଆକାଶ ସକ୍ସେନାଙ୍କ ଅଭିଯୋଗ ଆଧାରରେ ଏହି ମ



ଆଂଟିବାୟୋଟିକ୍ ଅପବ୍ୟବହାର ରୋକିବା ପାଇଁ ସାଭଲନର 'ଓ୍ୱି ଲଭ୍ ଆଂଟିବାୟୋଟିକ୍ସ' ଅଭିଯାନ

ଭୁବନେଶ୍ୱର, ୧୭।୧୧ (ନି.ପ୍ର) : ଆଂଟିବାୟୋଟିକ୍‌ର ଅନାବଶ୍ୟକ ଓ ଅଧିକ ବ୍ୟବହାର ଏବେ ବିଶ୍ୱ ପାଇଁ ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଛି। ଏହା ଫଳରେ ଜୀବାଣୁମାନେ ଔଷଧକୁ ପ୍ରତିରୋଧ କରିବାର କ୍ଷମତା ହାସଲ କରୁଛନ୍ତି। ଫଳରେ ଅନେକ ସଂକ୍ରମଣର ଚିକିତ୍ସା କରିବା କଷ୍ଟକର ହୋଇପଡୁଛି। ଏହି ସମସ୍ୟା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଆଇଟିସିର ସାଭଲନ୍ ସ୍ୱସ୍ଥ ଇଣ୍ଡିଆ ମିଶନ ପକ୍ଷରୁ 'ଓ୍ୱି ଲଭ୍ ଆଂଟିବାୟୋଟିକ୍ସ' ଅଭିଯାନ ଆରମ୍ଭ କରାଯାଇଛି। ନଭେମ୍ବର ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ବିଶ୍ୱ ଆଂଟିମାଇକ୍ରୋବିଆଲ୍ ପ୍ରତିରୋଧ ସଚେତନତା ସପ୍ତାହ ପୂର୍ବରୁ ଏହି ଅଭିଯାନ ଆରମ୍ଭ ହୋଇଛି।

ଆଂଟିବାୟୋଟିକ୍ ଆଧୁନିକ ଚିକିତ୍ସା ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଔଷଧ। କିନ୍ତୁ ଡାକ୍ତରଙ୍କ ପରାମର୍ଶ ବିନା ଏହାର ବ୍ୟବହାର ଓ ଆବଶ୍ୟକତାଠାରୁ ଅଧିକ ସେବନ ଦ୍ୱାରା ଆଂଟିମାଇକ୍ରୋବିଆଲ୍ ରେଜିଷ୍ଟାନ୍ସ (ଏଏମ୍ଆର) ବା ଜୀବାଣୁଙ୍କ ଔଷଧ ପ୍ରତିରୋଧକ କ୍ଷମତା ବଢୁଛି। ଏହାର ମୁକାବିଲା ପାଇଁ ଦୁଇଟି ଦିଗ ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରଥମଟି ହେଉଛି ଆଂଟିବାୟୋଟିକ୍‌ର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଏବଂ ଦ୍ୱିତୀୟଟି ହେଉଛି ସଂକ୍ରମଣକୁ ରୋକିବା ପାଇଁ ସଫାସୁତରା ରହିବା ଓ ନିୟମିତ ହାତ ଧୋଇବା। ବିଭିନ୍ନ ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡ଼ିଛଂଟିବାୟୋଟିକ୍‌ର ଉପଯୁକ୍ତ ବ୍ୟବହାର ସହ ହାତ ସଫା ରଖିବା ଦ୍ୱାରା ଔଷଧ ପ୍ରତିରୋଧକ ଜୀବାଣୁଙ୍କ ସଂକ୍ରମଣ ହ୍ରାସ କରାଯାଇପାରିବ।

ସାବୁନ କିମ୍ବା ହ୍ୟାଣ୍ଡୱାସ୍‌ରେ ନିୟମିତ ହାତ ଧୋଇବା ଏକ ସରଳ ଅଭ୍ୟାସ ହୋଇଥିଲେ ମଧ୍ୟ ଏହାର ପ୍ରଭାବ ବହୁତ ବଡ଼। ଏହା ହାତରେ ଥିବା ଜୀବାଣୁକୁ ଦୂର କରି ସଂକ୍ରମଣ ହେବାର ଆଶଙ୍କା କମାଏ। ଫଳରେ ଆଂଟିବାୟୋଟିକ୍‌ର ଆବଶ୍ୟକତା ମଧ୍ୟ ହ୍ରାସ ପାଇପାରେ। ଏହାକୁ ହାତ ଧୋଇବାର 'ବଟରଫ୍ଲାଏ ଇଫେକ୍ଟ' ବା ଛୋଟ ଅଭ୍ୟାସର ବଡ଼ ପ୍ରଭାବ ବୋଲି କୁହାଯାଇଛି। ଓଗିଲଭି ଇଣ୍ଡିଆର ଧାରଣା ଓ ପରିକଳ୍ପନାରେ ପ୍ରସ୍ତୁତ ଏହି ଅଭିଯାନ ମାଧ୍ୟମରେ ସାଭଲନ୍ ସାଧାରଣ ଲୋକଙ୍କ ମଧ୍ୟରେ ହାତ ଧୋଇବା ଓ ଆଂଟିବାୟୋଟିକ୍‌ର ସଠିକ୍ ବ୍ୟବହାର ସମ୍ପର୍କରେ ସଚେତନତା ବଢ଼ାଇବାକୁ ଲକ୍ଷ୍ୟ ରଖିଛି।

ଏହି ଅଭିଯାନ ସମ୍ପର୍କରେ ଆଇଟିସି ଲିମିଟେଡ୍‌ର ପର୍ସନାଲ୍ କେୟାର ପ୍ରଡକ୍ଟସ୍ ବ୍ୟବସାୟର ଡିଭିଜନାଲ୍ ଚିଫ୍ ଏକ୍‌ଜିକ୍ୟୁଟିଭ୍ ସମୀର ସତପଥୀ କହିଛନ୍ତି ଯେ, 'ସାଭଲନ୍ ସ୍ୱସ୍ଥ ଇଣ୍ଡିଆ ମିଶନ ମାଧ୍ୟମରେ ଆମେ ନିୟମିତ ହାତ ଧୋଇବା ଅଭ୍ୟାସକୁ ଲୋକଙ୍କ ଜୀବନର ଏକ ଅଂଶ କରିବା ଏବଂ ଏଥିପାଇଁ ଆବଶ୍ୟକ ଆଚରଣ ପରିବର୍ତ୍ତନ ଆଣିବା ଦିଗରେ ଲଗାତାର କାମ କରିଅଂଟିମାଇକ୍ରୋବିଆଲ୍ ରେଜିଷ୍ଟାନ୍ସ ବା ଜୀବାଣୁଙ୍କ ଔଷଧ ପ୍ରତିରୋଧକ କ୍ଷମତା ଏକ ବଢୁଥିବା ଜନସ୍ୱାସ୍ଥ୍ୟ ସମସ୍ୟା। ଏହାର ମୁକାବିଲା ପାଇଁ ଅଧିକ ସଚେତନତା ଓ ସମସ୍ତଙ୍କ ମିଳିତ ଉଦ୍ୟମ ଆବଶ୍ୟକ। ଘରେ ହେଉ କିମ୍ବା ହସ୍ପିଟାଲରେ, ସଂକ୍ରମଣକୁ ରୋକିବା ଓ ଏହା ନିୟନ୍ତ୍ରଣ କରିବାରେ ହାତ ସଫା ରଖିବା ଏକ ଗୁରୁତ୍ୱପୂର୍ଣ୍ଣ ଉପାୟ। 'ଓ୍ୱି ଲଭ୍ ଆଂଟିବାୟୋଟିକ୍ସ' ଅଭିଯାନ ଆଂଟିବାୟୋଟିକ୍‌ର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଉପରେ ଏକ ଆକର୍ଷଣୀୟ ଆଲୋଚନା ଆରମ୍ଭ କରି ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଉଛି। ଏଏମ୍ଆର ସମସ୍ୟା କମାଇବା ପାଇଁ ଆଂଟିବାୟୋଟିକ୍‌ର ଠିକ୍ ବ୍ୟବହାର ସହିତ ସଂକ୍ରମଣ ରୋକିବା ପାଇଁ ହାତ ଧୋଇବା ମଧ୍ୟ ଜରୁରୀ।'



ଓଗିଲଭି ଇଣ୍ଡିଆର ମୁଖ୍ୟ କ୍ରିଏଟିଭ୍ ଅଫିସର ହର୍ଷଦ ରାଜାଧ୍ୟକ୍ଷ ଓ କୈନାଜ୍ କରମାକର କହିଛନ୍ତି ଯେ, 'ଗତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ସାଭଲନ୍ ସ୍ୱସ୍ଥ ଇଣ୍ଡିଆ ମିଶନ ହାତ ଧୋଇବାକୁ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ପାଇଁ କାମ କରିଆସୁଛି। ଏହି ଅଭ୍ୟାସ ଗ୍ରହଣ କରିବାରେ ଲୋକଙ୍କ ସାମ୍ନାରେ ଥିବା ବାଧାଗୁଡ଼ିକୁ ଦୂର କରିବା ଉପରେ ମଧ୍ୟ ଆମେ ଗୁରୁତ୍ୱ ଦେଇଛୁ। ଚଳିତ ବର୍ଷ ଆମର ଗବେଷଣାରୁ ଏକ ଆକର୍ଷଣୀୟ ବିରୋଧାଭାସ ସାମ୍ନାକୁ ଆସିଛି। ଆମେ ଆଂଟିବାୟୋଟିକ୍ ଖାଇବା ପାଇଁ ତୁରନ୍ତ ଆଗ୍ରହ ଦେଖାଉଛୁ, କିନ୍ତୁ ସଂକ୍ରମଣ ରୋକିବାର ସବୁଠାରୁ ସରଳ ଉପାୟ ହାତ ଧୋଇବାକୁ ଅଣଦେଖା କରୁଛୁ। ଏହି ଚିନ୍ତାଧାରାରୁ 'ଓ୍ୱି ଲଭ୍ ଆଂଟିବାୟୋଟିକ୍ସ' ଅଭିଯାନର ଜନ୍ମ ହୋଇଛି। ଭାରତର ଲୋକଙ୍କ ସହ ଏହି ବିଷୟରେ ଆଲୋଚନା କରିବା ଓ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପହଞ୍ଚାଇବା ପାଇଁ ଆମେ ସଙ୍ଗୀତକୁ ଏକ ସହଜ ଓ ଆକର୍ଷଣୀୟ ମାଧ୍ୟମ ଭାବେ ବାଛିଛୁ। ଆଂଟିବାୟୋଟିକ୍ ଅମୂଲ୍ୟ ଔଷଧ ଏବଂ ଏହାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଜରୁରୀ। କିନ୍ତୁ ଏବେ ଆମେ ହାତ ଧୋଇବାକୁ ଅଧିକ ଭଲ ପାଇବା ଶିଖିବା ଦରକାର। ଅନେକ ପ୍ରତିଭାବାନ ସହଯୋଗୀଙ୍କ ସହ ମିଶି ଏହି ଅଭିଯାନକୁ ଏକ ଭିନ୍ନ ପରିଚୟ ଦେବା ଆମ ପାଇଁ ଆନନ୍ଦର ବିଷୟ। ଆମ ଉପରେ ଲଗାତାର ଭରସା ଓ ସହଯୋଗ ରଖିଥିବାରୁ ଆମେ କୃତଜ୍ଞ। ଏହି ସହଯୋଗ ଆମକୁ ନୂଆ ଓ ସୃଜନଶୀଳ ଉପାୟ ଆପଣାଇବା ସହ ସାଭଲନ୍ ସ୍ୱସ୍ଥ ଇଣ୍ଡିଆ ମିଶନର ମୂଳ ଲକ୍ଷ୍ୟ ଅର୍ଥାତ୍ ଲୋକଙ୍କ ଆଚରଣରେ ଭଲ ପରିବର୍ତ୍ତନ ଆଣିବା ଦିଗରେ କାମ କରିବାକୁ ପ୍ରେରଣା ଦେଉଛି।' ଏହା ସହିତ ସାଭଲନ୍ ସ୍ୱସ୍ଥ ଇଣ୍ଡିଆ ମିଶନ ପକ୍ଷରୁ ଫାଏ ଡି'ସୁଜାଙ୍କ ସହଯୋଗରେ 'ଡବ୍ଲ ପଡ୍' ନାମକ ଏକ କାର୍ଯ୍ୟକ୍ରମ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏଥିରେ ବିଶେଷଜ୍ଞମାନେ ଏଏମ୍ଆର ସମସ୍ୟା ସମ୍ପର୍କରେ ସରଳ ଭାବେ ବୁଝାଇବା ସହ ସଂକ୍ରମଣ ରୋକିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛନ୍ତି। ଏହି ଅଭିଯାନ ମାଧ୍ୟମରେ ଲୋକଙ୍କୁ ଦୈନନ୍ଦିନ ଜୀବନରେ ସ୍ୱଚ୍ଛତା ଓ ହାତ ଧୋଇବା ଅଭ୍ୟାସ ଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଛି।

ଆଦିତ୍ୟ ଆଲୁମିନା ପକ୍ଷରୁ ନର୍ସରୀ ପ୍ରତିଷ୍ଠା

କାଶୀପୁର, ୧୭।୧୧ (ନି.ପ୍ର) : ଆଦିତ୍ୟ ଆଲୁମିନା, ହିଣ୍ଡାଲ୍କ ? ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ କୃଷିଭିତ୍ତିକ ଜୀବିକାକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଉଦ୍‌ୟୋଗୀକରଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏକ 'ନର୍ସରୀ' ପ୍ରତିଷ୍ଠା କରାଯାଇଛି। କାଶୀପୁର ବ୍ଲକ୍‌ର ପ୍ରାୟ ୯୫ ପ୍ରତିଶତ ଲୋକେ ଜୀବିକା ପାଇଁ କୃଷି ଉପରେ ନିର୍ଭରଶୀଳ ଅଛନ୍ତି। ସମ୍ପ୍ରତି ଅଞ୍ଚଳର ଚାଷୀମାନଙ୍କୁ ସହଜରେ ତଥା ହାତପାହାନ୍ତାରେ ଉନ୍ନତମାନର ଚାରା ଓ ବିହନ ଯୋଗାଇଦେବା ଏହି ନର୍ସରୀର ମୁଖ୍ୟ ଉଦ୍ଦେଶ୍ୟ ରହିଅଛି । ପୂର୍ବରୁ ଚାଷୀମାନଙ୍କୁ ଚାରା ସଂଗ୍ରହ ପାଇଁ ନିକଟସ୍ଥ ନର୍ସରୀକୁ ଯାହା ଦୀର୍ଘ ପ୍ରାୟ ୫୦ କିଲୋମିଟର ଯାତ୍ରା କରିବାକୁ ପଡୁଥିଲା । ଏହି ନର୍ସରୀ ପ୍ରତିଷ୍ଠା ଫଳରେ ସ୍ଥାନୀୟ ଚାଷୀମାନେ ନିଜ ଅଞ୍ଚଳରେ ହିଁ ଗୁଣାତ୍ମକ ଚାରା ପାଇପାରିବେ । ଯାହାଦ୍ୱାରା ସେମାନଙ୍କର ଯାତାୟାତ ସମୟ ଓ ଖର୍ଚ୍ଚ ହ୍ରାସ ପାଇବ । ଉକ୍ତ ନର୍ସରୀରେ ଟମାଟୋ, ଲଙ୍କା, ବାଇଗଣ, ଫୁଲକୋବି ଓ ବନ୍ଧାକୋବି ଭଳି ବିଭିନ୍ନ ପନିପରିବାର ଚାରା ଉପଲବ୍ଧ ହେବ। ସହିତ ଜେଡ୍ ପ୍ଲାଣ୍ଟ, ଆରେକା ପାମ୍, ପିସ୍ ଲିଲି, ସ୍ନେକ୍ ପ୍ଲାଣ୍ଟ, କ୍ରିଷ୍ଣା ଓ ଆଲୋଭେରା ଭଳି ବିଭିନ୍ନ ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ ମଧ୍ୟ ଏଠାରେ ଉପଲବ୍ଧ ହେବ । ଆଦିତ୍ୟ ଆଲୁମିନା ସିଏସଆର ପକ୍ଷରୁ ଗ୍ରହଣ କରାଯାଇଥିବା ଏହି ପଦକ୍ଷେପ ଗ୍ରାମୀଣ ଉଦ୍‌ୟୋଗ ସୃଷ୍ଟି, ସ୍ଥାୟୀ କୃଷି ପଦ୍ଧତିର ପ୍ରସାର ଏବଂ ଜୀବିକାର ମାନ ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ । ଏହି ନର୍ସରୀରୁ କେବଳ ଚାଷୀମାନଙ୍କୁ ଗୁଣାତ୍ମକ ଚାରା ଯୋଗାଇବାରେ ସହାୟକ ହେବ ନାହିଁ, ବରଂ ଗ୍ରାମୀଣ ଉଦ୍‌ୟୋଗୀକରଣକୁ ମଧ୍ୟ ନୂତନ ଦିଗ ଦେବ । ଏହି ପଦକ୍ଷେପ ଦ୍ୱାରା ଆଦିତ୍ୟ ଆଲୁମିନା ସିଏସଆର କାଶୀପୁର ଅଞ୍ଚଳରେ ଆତ୍ମନିର୍ଭରଶୀଳତା, ଆର୍ଥିକ ସଶକ୍ତିକରଣ ଓ ସ୍ଥାୟୀ ସାମୁଦାୟିକ ବିକାଶକୁ ପ୍ରୋତ୍ସାହନ ଯୋଗାଇବା ସହ ସ୍ଥାନୀୟ ଲୋକଙ୍କ ପାଇଁ ନୂତନ ଜୀବିକା ସୁଯୋଗ ସୃଷ୍ଟିରେ ସହାୟକ ହୋଇଅଛି ।



କୋଟିଆରେ ଟିପିଏସ୍‌ଓଡିଏଲ୍ ତରଫରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଶିବିର

ବ୍ରହ୍ମପୁର, ୧୭।୧୧ (ନି.ପ୍ର): ଦକ୍ଷିଣ ଓଡ଼ିଶାରେ ସାମାଜିକ କଲ୍ୟାଣ ଓ ସମସ୍ତଙ୍କ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ମଜଭୁତ କରିବା ଉଦ୍ଦେଶ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ପକ୍ଷରୁ କୋରାପୁଟ ଜିଲ୍ଲା ପଟ୍ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କୋଟିଆ ଗ୍ରାମ ପଞ୍ଚାୟତର ତଳବାଲସାହିଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପରାମର୍ଶ ଶିବିର ଆୟୋଜନ କରାଯାଇଛି । ଦୁର୍ଗମ ଅଞ୍ଚଳର ଲୋକମାନେ, ବିଶେଷକରି ଜିଲ୍ଲାର ଜନଜାତି ଅଧ୍ୟୁଷିତ ଅଞ୍ଚଳର ବାସିନ୍ଦାମାନେ ଯେପରି ସହଜରେ ଅତ୍ୟାବଶ୍ୟକୀୟ ସ୍ୱାସ୍ଥ୍ୟସେବା ପାଇପାରିବେ, ତାହା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଶିବିରରେ ସ୍ଥାନୀୟ ଗ୍ରାମବାସୀ, ଓଏସ୍‌ଏଏଫ୍ ଯବାନ ଏବଂ ଓଡ଼ିଶା ପୋଲିସ କର୍ମଚାରୀଙ୍କ ସମେତ ମୋଟ ୮୦ ଜଣ ଡାକ୍ତରୀ ପରାମର୍ଶ ନେବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ଶିବିରରେ କୋଟିଆ, କରିଆଗୁଡ଼ା ଓ ତଳବାଲସାହି ଗ୍ରାମର ବାସିନ୍ଦାମାନେ ସ୍ୱାସ୍ଥ୍ୟସେବାର ସୁଯୋଗ ପାଇଥିଲେ। ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ଡାକ୍ତରମାନଙ୍କ ପକ୍ଷରୁ ଚିକିତ୍ସା ପରାମର୍ଶ ଏବଂ ରକ୍ତଚାପ (ବିପି) ପରୀକ୍ଷା କରାଯାଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସହଯୋଗ ଓ ସମନ୍ୱୟରେ ଏହି ଶିବିର ଆୟୋଜିତ ହୋଇଥିଲା। କୋରାପୁଟର ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ)ଙ୍କ ମାର୍ଗଦର୍ଶନରେ ସ୍ଥାନୀୟ ଲୋକଙ୍କୁ ସୁଚାରୁରୂପେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ଏହି ଅବସରରେ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍, କହିଛନ୍ତି, 'ଟିପିଏସ୍‌ଓଡିଏଲ୍ ପକ୍ଷରୁ ଦକ୍ଷିଣ ଓଡ଼ିଶା ପ୍ରତି ଆମର ଦାୟିତ୍ୱ କେବଳ ନିରବଚ୍ଛିନ୍ନ ଓ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ମଧ୍ୟରେ ସୀମିତ ନୁହେଁ। ଆମେ ଯେଉଁ ଅଞ୍ଚଳରେ ସେବା ଯୋଗାଉଛୁ, ସେଠାକାର ଲୋକଙ୍କ ସାମଗ୍ରିକ ଉନ୍ନତି ଓ ସୁସ୍ଥ ଜୀବନ ପ୍ରତି ମଧ୍ୟ ଆମର ଗୁରୁତ୍ୱ ରହିଛି। ବିଶେଷକରି ଦୁର୍ଗମ ଓ ଆବଶ୍ୟକ ସୁବିଧାରୁ ବଞ୍ଚିତ ଅଞ୍ଚଳର ଲୋକଙ୍କ ନିକଟରେ ଅତ୍ୟାବଶ୍ୟକୀୟ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଏବଂ ସ୍ଥାନୀୟ ସମୁଦାୟ ସହ ଆମର ସମ୍ପର୍କକୁ ଆହୁରି ମଜଭୁତ କରିବା ଦିଗରେ ଏଭଳି ଚିକିତ୍ସା ଶିବିର ସହାୟକ ହେବ। ଏହି ପଦକ୍ଷେପକୁ ସଫଳ କରିବାରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ସହଯୋଗ ପାଇଁ ଆମେ ଆନ୍ତରିକ କୃତଜ୍ଞତା ଜଣାଉଛୁ।' ଏଭଳି ଜନକଲ୍ୟାଣମୂଳକ ପଦକ୍ଷେପ ମାଧ୍ୟମରେ ଟିପିଏସ୍‌ଓଡିଏଲ୍ ନିଜର କାର୍ଯ୍ୟକ୍ଷେତ୍ର ଅଧୀନରେ ଥିବା ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସାମାଜିକ ଦାୟିତ୍ୱବୋଧ, ସମସ୍ତଙ୍କ ବିକାଶ ଏବଂ ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଦିଗରେ ନିଜର ପ୍ରୟାସ ଜାରି ରଖିଛି।



ଡିଜିଟାଲ୍ ଠକେଇରୁ ସୁରକ୍ଷା ପାଇଁ ଏସ୍‌ବିଆଇ କାର୍ଡର ପରାମର୍ଶ

ନୂଆଦିଲ୍ଲୀ, ୧୭।୧୧ (ନି.ପ୍ର) : ଏସ୍‌ବିଆଇ କାର୍ଡ ଅନୁଯାୟୀ, ଦୈନନ୍ଦିନ କିଣାକିଣି, ବିଲ୍ ପେଠ ଓ ଯାତ୍ରା ସଂରକ୍ଷଣ ଭଳି କାର୍ଯ୍ୟରେ ଡିଜିଟାଲ୍ ଅର୍ଥ କାରବାରର ବ୍ୟବହାର ବୃଦ୍ଧି ପାଉଛି। ଶିଳ୍ପ ସମ୍ବନ୍ଧୀୟ ଆକଳନ ଅନୁଯାୟୀ, ୨୦୩୦ ଆର୍ଥିକ ବର୍ଷ ସୁଦ୍ଧା ଡିଜିଟାଲ୍ କାରବାର ସଂଖ୍ୟା ୬୧୭ ବିଲିୟନରେ ଏବଂ ଏହାର ମୋଟ ମୂଲ୍ୟ ୯୦୭ ଟ୍ରିଲିୟନ ଟଙ୍କାରେ ପହଞ୍ଚିବାର ଆଶା ରହିଛି। ସେହିପରି ଋଣ କାର୍ଡ ସଂଖ୍ୟା ପ୍ରାୟ ୨୧୦ ନିୟୁତରେ ପହଞ୍ଚିବାର ଆକଳନ କରାଯାଇଛି। ଏହି ବର୍ଦ୍ଧିତ ବ୍ୟବହାର ସହିତ ଠକମାନେ ମଧ୍ୟ ବିଭିନ୍ନ ପ୍ରତାରଣାମୂଳକ କୌଶଳ ଅବଲମ୍ବନ କରି ଗ୍ରାହକଙ୍କୁ ଟାର୍ଗେଟ୍ କରୁଛନ୍ତି। ଏହାର ମୁକାବିଲା ପାଇଁ ଆର୍ଥିକ ସଂସ୍ଥାଗୁଡ଼ିକ ପ୍ରଯୁକ୍ତିଭିତ୍ତିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାହକମାନେ ମଧ୍ୟ ସଚେତନ ଓ ସତର୍କ ରହିବା ଆବଶ୍ୟକ। ଅର୍ଥ କାରବାର ପୂର୍ବରୁ ସମସ୍ତ ତଥ୍ୟ ଯାଞ୍ଚ କରିବା, ବ୍ୟକ୍ତିଗତ ଓ ଆର୍ଥିକ ସୂଚନା ଗୋପନୀୟ ରଖିବା ଏବଂ ସନ୍ଦେହଜନକ କାର୍ଯ୍ୟକଳାପ ସମ୍ପର୍କରେ ତୁରନ୍ତ ସୂଚନା ଦେବା ଉପରେ ଏସ୍ ?ବିଆଇ କାର୍ଡ ଗୁରୁତ୍ୱାରୋପ କରିଛି। ଏହି ଅବସରରେ ଏସ୍‌ବିଆଇ କାର୍ଡର ପରିଚାଳନା ନିର୍ଦ୍ଦେଶିକା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଲିଲା ପାଣ୍ଡେ କହିଛନ୍ତି, "ଏସ୍‌ବିଆଇ କାର୍ଡରେ ଆମ ଗ୍ରାହକଙ୍କ ସୁରକ୍ଷା ଏବଂ ସେମାନଙ୍କ ବିଶ୍ୱାସ ଅର୍ଜନ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା। ଡିଜିଟାଲ୍ ଅର୍ଥ କାରବାର ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହୋଇପଡ଼ିଥିବାରୁ ନୂତନ ଠକେଇର ଆଶଙ୍କାକୁ ଚିହ୍ନଟ କରି ତାହାର ମୁକାବିଲା କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ମୁଁ ସମସ୍ତ ଗ୍ରାହକଙ୍କୁ ସତର୍କ ରହିବା, କାରବାର ପୂର୍ବରୁ ଯାଞ୍ଚ କରିବା, ନିଜର ବ୍ୟକ୍ତିଗତ ଓ ଆର୍ଥିକ ସୂଚନା ସୁରକ୍ଷିତ ରଖିବା ଏବଂ ସନ୍ଦେହଜନକ କାର୍ଯ୍ୟକଳାପକୁ ତୁରନ୍ତ ଜଣାଇବାକୁ ଅନୁରୋଧ କରୁଛି।"

ଶିଶୁଙ୍କ ଆଖିର ସୁରକ୍ଷା ଓ ଟେରାପଣର ଶୀଘ୍ର ଚିହ୍ନଟ ପାଇଁ ଏଲ୍.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ପକ୍ଷରୁ ଶିଶୁ ଚକ୍ଷୁ ଯତ୍ନ ସପ୍ତାହ ପାଳନ

ଭୁବନେଶ୍ୱର, ୧୭।୧୧ (ନି.ପ୍ର): ଟେରାପଣକୁ ଚିହ୍ନନ୍ତୁ, ଶିଶୁକୁ ସହଯୋଗ କର' ବାର୍ତ୍ତାକୁ ନେଇ ଏଲ୍.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ପକ୍ଷରୁ ନଭେମ୍ବର ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ଶିଶୁ ଚକ୍ଷୁ ଯତ୍ନ ସପ୍ତାହ ପାଳନ କରାଯାଇଥିଲା। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଶୁମାନଙ୍କ ଆଖିର ଟେରାପଣ ସମ୍ପର୍କରେ ଅଭିଭାବକ ଓ ସାଧାରଣ ଲୋକଙ୍କୁ ସଚେତନ କରିବା। ଏହା କେବଳ ଦେଖିବାରେ ଅସୁନ୍ଦର ଲାଗିବାର ସମସ୍ୟା ନୁହେଁ, ବରଂ ଶିଶୁର ଦୃଷ୍ଟିଶକ୍ତିର ବିକାଶକୁ ମଧ୍ୟ ପ୍ରଭାବିତ କରିପାରେ। ଠିକ୍ ସମୟରେ ଚିକିତ୍ସା ନକଲେ ଗୋଟିଏ ଆଖିର ଦୃଷ୍ଟିଶକ୍ତି କମିଯାଇପାରେ। ଏହି ଅବସରରେ ନଭେମ୍ବର ୧୫ ତାରିଖ ରବିବାର ଦିନ ଭୁବନେଶ୍ୱରର ବୁଦ୍ଧ ଜୟନ୍ତୀ ପାକଠାରେ ଶିଶୁଙ୍କ ଆଖିର ସୁରକ୍ଷା ପାଇଁ ଏକ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୨୫୦ ଜଣ ଡାକ୍ତର, କର୍ମଚାରୀ ଓ ଅନ୍ୟମାନେ ଯୋଗ ଦେଇଥିଲେ। କ୍ୟାମ୍ପସ ମୁଖ୍ୟ ଡା. ଉମେଶ ଚନ୍ଦ୍ର ବେହେରା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ସମ୍ପର୍କରେ ଏଲ୍.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ଚାଇଲ୍ଡ ସାଇଟ୍ ଇନଷ୍ଟିଚ୍ୟୁଟ୍ ର ମୁଖ୍ୟ ଡା. ବିବେକ ୱାରକାଡ୍ କହିଥିଲେ, ଟେରାପଣ କେବଳ ଆଖିର ଦେଖାଯିବାରେ ଥିବା ସମସ୍ୟା ନୁହେଁ। ଏହା ଶିଶୁର ଦୃଷ୍ଟିଶକ୍ତି ଓ ଆଖିର ସଠିକ୍ ବିକାଶ ସହ ଜଡ଼ିତ। ଠିକ୍ ସମୟରେ ଚିହ୍ନଟ ଓ ଚିକିତ୍ସା କରାଗଲେ ଶିଶୁର ଦୃଷ୍ଟିଶକ୍ତି ଓ ଆତ୍ମବିଶ୍ୱାସରେ ଉନ୍ନତି ଆଣିହେବ



ବାଲିଯାତ୍ରାର ପ୍ରଚାର ପ୍ରସାର ପାଇଁ ଗଢ଼ିଲା ପ୍ରଜ୍ଞାପନ ରଥ

କଟକ,, ୧୭।୧୧ (ନି.ପ୍ର) : ଐତିହାସିକ ବାଲିଯାତ୍ରା–୨୦୨୬ର ବ୍ୟାପକ ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଆଜି ବାଲିଯାତ୍ରା ପଡ଼ିଆସ୍ଥିତ ବୈଷ୍ଣବ ପାଣି ମଞ୍ଚ ସମ୍ମୁଖରେ ଏକ ସୁସଜ୍ଜିତ ପ୍ରଜ୍ଞାପନ ରଥର ଶୁଭାରମ୍ଭ କରାଯାଇଛି। ପୂର୍ବାହ୍ନ ୧୦ ଘଟିକା ସମୟରେ କଟକ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପତାକା ଦେଖାଇ ଏହି ପ୍ରଜ୍ଞାପନ ରଥର ଶୁଭାରମ୍ଭ କରିଥିଲେ। ଏହି ପ୍ରଜ୍ଞାପନ ରଥ ପ୍ରଥମ ପର୍ଯ୍ୟାୟରେ କଟକ ଜିଲ୍ଲାର ସମସ୍ତ ୧୪ଟି ବ୍ଲକ ପରିକ୍ରମା କରିବା ସହ ପଡ଼ ?ଶୀ ୫ଟି ଜିଲ୍ଲା ଯଥା ଯାଜପୁର, ଜଗତସିଂହପୁର, ପୁରୀ, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବାଲିଯାତ୍ରାର ବାର୍ତ୍ତା ପହଞ୍ଚାଇବ। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୫ଟି ଜିଲ୍ଲାକୁ ଏହି ପ୍ରଚାର ଅଭିଯାନ ସମ୍ପ୍ରସାରିତ କରାଯିବ। ଏହାଦ୍ୱାରା ରାଜ୍ୟର ବ୍ୟାପକ ଅଞ୍ଚଳରେ ବାଲିଯାତ୍ରାର ଐତିହ୍ୟ, ପରମ୍ପରା ଓ ଆକର୍ଷଣ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇପାରିବ। ବାଲିଯାତ୍ରା କେବଳ ଏକ ମେଳା ନୁହେଁ, ଏହା ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ,



ନୌବାଣିଜ୍ୟ ପରମ୍ପରା ଓ ଗୌରବମୟ ଇତିହାସର ପ୍ରତୀକ। ଏହି ଗୌରବମୟ ପରମ୍ପରାର ବାର୍ତ୍ତାକୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପହଞ୍ଚାଇବା ସହ ଅଧିକରୁ ଅଧିକ ଜନସାଧାରଣଙ୍କୁ ବାଲିଯାତ୍ରା ସହ ଯୋଡ଼ିବା ଏହି ପ୍ରଜ୍ଞାପନ ରଥର ମୁଖ୍ୟ ଉଦ୍ଦେଶ୍ୟ। ଚଳିତ ବର୍ଷ ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ମହାନଦୀର ବିସ୍ତୃତ ବାଲୁକାଶଯ୍ୟାରେ ଐତିହାସିକ ବାଲିଯାତ୍ରା ଆୟୋଜିତ ହେବ। ଏହି ମହୋତ୍ସବରେ ଓଡ଼ିଶାର କଳା, ସଂସ୍କୃତି, ହସ୍ତଶିଳ୍ପ, ପାରମ୍ପରିକ ଖାଦ୍ୟ ଓ ବାଣିଜ୍ୟିକ ପରମ୍ପରାର ଏକ ଅନନ୍ୟ ସମାଗମ ଦେଖିବାକୁ ମିଳିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ, ଜନସଂପୃକ୍ତିମୂଳକ ଓ ସଫଳ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପ୍ରଜ୍ଞାପନ ରଥ ମାଧ୍ୟମରେ ମହୋତ୍ସବର ଐତିହାସିକ ଗୁରୁତ୍ୱ, ସାଂସ୍କୃତିକ ମହତ୍ତ୍ୱ ଓ ବିଭିନ୍ନ ଆକର୍ଷଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯିବ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ତହସିଲଦାର ଦେବଦତ୍ତ ପ୍ରଧାନ, ଡେପୁଟି କଲେକ୍ଟର ସୋଫି ସାଇନିକା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକ ବେହେରା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିଲାପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକଳ୍ପ ସକ୍ଷମ ଜରିଆରେ ମହିଳାଙ୍କୁ ଦକ୍ଷତା ବିକାଶ ଓ ଜୀବିକାର ସୁଯୋଗ ଯୋଗାଉଛି ଉତ୍କଳ ଆଲୁମିନା

ସିଲେଇ କାମରୁ ଆର୍ଥିକ ସ୍ୱାବଲମ୍ବନ ହେଲେ ସମିତା

ରାୟଗଡ଼ା, ୧୭/୧୧ (ନି.ପ୍ର) : ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ୍ (ୟୁଏଆଇଏଲ୍), ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସିଏସ୍ଆର୍ ପଦକ୍ଷେପ 'ପ୍ରୋଜେକ୍ଟ ସକ୍ଷମ' ଅଧୀନରେ ଦକ୍ଷତା ବିକାଶ ତାଲିମ ଗ୍ରହଣ କରି ସମିତା ଆଜି ସିଲେଇ କାର୍ଯ୍ୟ ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଆତ୍ମନିର୍ଭରଶୀଳ ହେବାର ଦୃଢ଼ ଇଚ୍ଛାଶକ୍ତି ଏବଂ ସଠିକ୍ ସୁଯୋଗ ଜଣେ ମହିଳାଙ୍କ ଜୀବନରେ କିପରି ସକାରାତ୍ମକ ପରିବର୍ତ୍ତନ ଆଣିପାରେ, ତାହାର ଏକ ପ୍ରେରଣାଦାୟକ ଉଦାହରଣ ହେଉଛନ୍ତି ସମିତା ନାଏକ। କାଶୀପୁର ବ୍ଲକର କଳିଆକଣା ଗ୍ରାମର ବାସିନ୍ଦା ସମିତା ନାଏକ, ନିଜ ସ୍ୱାମୀ ପ୍ରହଲ୍ଲାଦ ନାଏକଙ୍କ ସହ ଉନ୍ନତ ଜୀବନଯାପନ ଏବଂ ଦୁଇ ସନ୍ତାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ନେଇ ଟିକିରି ଆସିଥିଲେ। ତାଙ୍କ ସ୍ୱାମୀ ଉତ୍କଳ ଆଲୁମିନା ସହ ସଂପୃକ୍ତ ଏକ କମ୍ପାନିରେ



କାର୍ଯ୍ୟ କରନ୍ତି। ତେବେ ଗୋଟିଏ ରୋଜଗାରରେ ଘରଭଡ଼ା, ପରିବାରର ଖର୍ଚ୍ଚ ଏବଂ ପିଲାମାନଙ୍କ ପାଠପଢ଼ା ତୁଲାଇବା କଷ୍ଟକର ହେଉଥିଲା। ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ସହ ନିଜେ ଆତ୍ମନିର୍ଭର ହେବାର ସଂକଳ୍ପ ନେଇ ସମିତା ଘରର ଚାରିକାନ୍ଥ ବାହାରକୁ ଆସି ଜୀବିକାର ସୁଯୋଗ ଖୋଜିଥିଲେ। ଏହି ସମୟରେ ଉତ୍କଳ ଆଲୁମିନାର ସିଏସ୍ଆର୍ ପଦକ୍ଷେପ ପ୍ରୋଜେକ୍ଟ ସକ୍ଷମ ଅଧୀନରେ ପରିଚାଳିତ 'ସକ୍ଷମ ଗାର୍ମେଣ୍ଟ ୟୁନିଟ୍' ତାଙ୍କ ପାଇଁ ନୂଆ ସୁଯୋଗ ଆଣିଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମିତା ପ୍ରଥମ ଦୁଇ ମାସ ମୌଳିକ ତାଲିମ ଏବଂ ପରବର୍ତ୍ତୀ ଚାରି ମାସ ସ୍ୱତନ୍ତ୍ର ସିଲେଇ ତାଲିମ ଗ୍ରହଣ କରିଥିଲେ। ନିଜର ନିଷ୍ଠା, ଏକାଗ୍ରତା ଓ କଠିନ ପରିଶ୍ରମ ବଳରେ ସେ ତାଲିମ ସଫଳତାର ସହ ସମାପ୍ତ କରି ସିଲେଇ କାର୍ଯ୍ୟକୁ ନିୟମିତ ଜୀବିକା ଭାବେ ଆପଣାଇଛନ୍ତି। ଆଜି ସେ ସିଲେଇ କାର୍ଯ୍ୟରୁ ମାସିକ ୧୩ ହଜାରରୁ ୧୬ ହଜାର ଟଙ୍କା ଆୟ କରୁଛନ୍ତି। ଗତ ଛଅ ମାସ ଧରି ତାଙ୍କର ଏହି ନିୟମିତ ଆୟ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହ ତାଙ୍କୁ ଆତ୍ମବିଶ୍ୱାସ ଓ ଆତ୍ମସମ୍ମାନର ନୂଆ ପରିଚୟ ଦେଇଛି। ସେ ଏବେ ସ୍ୱାମୀଙ୍କ ସହ ପରିବାରର ଆର୍ଥିକ ଦାୟିତ୍ୱ ବହନ କରିବା ସହ ଗୁରୁତ୍ୱପୂର୍ଣ୍ଣ ପାରିବାରିକ ନିଷ୍ପତ୍ତିରେ ସମାନ ଭାଗୀଦାର ହୋଇପାରିଛନ୍ତି। ତାଙ୍କର ଏହି ଆର୍ଥିକ ସ୍ୱାବଲମ୍ବନର ସବୁଠାରୁ ବଡ଼ ସଫଳତା ହେଉଛି ନିଜ ଦୁଇ ସନ୍ତାନଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ କରିବାର ସ୍ୱପ୍ନକୁ ସାକାର କରିବା। ଏବେ ସେ ନିଜ ପିଲାମାନଙ୍କୁ ରାୟଗଡ଼ାସ୍ଥିତ ସେଣ୍ଟ ଜାଭିୟର୍ସ ଆବାସିକ ପବ୍ଲିକ୍ ସ୍କୁଲରେ ପଢ଼ାଇବାରେ ସକ୍ଷମ ହୋଇଛନ୍ତି। ସମିତାଙ୍କ ଏହି ଯାତ୍ରା ପ୍ରମାଣ କରୁଛି ଯେ, ଉପଯୁକ୍ତ ଦକ୍ଷତା ବିକାଶ ତାଲିମ ଓ ସୁଯୋଗ ମିଳିଲେ ମହିଳାମାନେ କେବଳ ନିଜ ଜୀବନରେ ନୁହେଁ, ବରଂ ପରିବାର ଓ ସମାଜର ଆର୍ଥିକ ପ୍ରଗତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରନ୍ତି। ପ୍ରୋଜେକ୍ଟ ସକ୍ଷମ୍ ଜରିଆରେ ଉତ୍କଳ ଆଲୁମିନା ଏହାର କାର୍ଯ୍ୟକ୍ଷେତ୍ର ପରିସରରେ ମହିଳାମାନଙ୍କ ଦକ୍ଷତା ବିକାଶ, ଜୀବିକା ସୃଷ୍ଟି ଓ ଆର୍ଥିକ ସ୍ୱାବଲମ୍ବନକୁ ପ୍ରୋତ୍ସାହିତ କରି ଏକ ସମାବେଶୀ ଓ ସମୃଦ୍ଧ ସମାଜ ଗଠନ ଦିଗରେ ନିଜର ପ୍ରତିବଦ୍ଧତାକୁ ଆଗେଇ ନେଉଛି। ସମିତାଙ୍କ କାହାଣୀ କେବଳ ସିଲେଇ କାମରୁ ରୋଜଗାର କରିବାର କାହାଣୀ ନୁହେଁ; ଏହା ଜଣେ ମହିଳାଙ୍କ ଆତ୍ମବିଶ୍ୱାସ, ସଂଘର୍ଷ, ସ୍ୱାଭିମାନ ଓ ସ୍ୱପ୍ନ ପୂରଣର ପ୍ରେରଣାଦାୟକ ଗାଥା। ଉତ୍କଳ ଆଲୁମିନା ଏହାର ସିଏସଆର ପକ୍ଷରୁ ପ୍ଲାଣ୍ଟ ଏବଂ ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲୋକଙ୍କୁ ସ୍ଥାୟୀ ଜୀବିକା ତଥା ଶିକ୍ଷା, ସ୍ୱାସ୍ଥ୍ୟ ଓ ପାରିପାର୍ଶ୍ୱିକ ଉନ୍ନତି ଆଦି ଦିଗରେ ଅବିରତ ପ୍ରୟାସ ଜରିଆରେ ଗ୍ରାମବାସୀଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଅଛି, ଯାହା କମ୍ପାନୀର ପାରିପାର୍ଶ୍ୱିକ ଅଞ୍ଚଳର ସାମୂହିକ ଉନ୍ନତି ଦିଗରେ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଅଛି।

୬୫ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳିତ



କଟକ, ୧୭।୧୧ (ନି.ପ୍ର) : ଓଡ଼ିଶା ଫାର୍ମାସୀ ଅଫିସର୍ସ ସର୍ଭିସ ଆସୋସିଏସନ୍ (ଓପୋସା) ପକ୍ଷରୁ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ସିଟି ହସ୍ପିଟାଲ) ପରିସରରେ ୬୫ତମ ଜାତୀୟ ଫାର୍ମାସୀ ସପ୍ତାହ–୨୦୨୬ ପାଳିତ ହୋଇଯାଇଛି। ଚଳିତ ବର୍ଷ ଆଲୋଚ୍ୟର ବିଷୟବସ୍ତୁ ରହିଥିଲା 'ସୁସ୍ଥ ଭାରତ : ଆଂଟିମାଇକ୍ରୋବାୟଲ୍ ରେଜିଷ୍ଟାନ୍ସର ମୁକାବିଲା'। ଏହି ଅବସରରେ କଟକ ସିଟି ହସ୍ପିଟାଲର ଅଧ୍ୟକ୍ଷ ଡା. ଚନ୍ଦନ ଗଡ଼ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରୋଗୀସେବା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସୁଦୃଢ଼ୀକରଣରେ ଫାର୍ମାସିଷ୍ଟମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ଦେବା ସହ ଅଯଥା ଆଂଟିବାୟୋଟିକ୍ ବ୍ୟବହାର ରୋକିବା ଦିଗରେ ସଚେତନତାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଚିକିତ୍ସା ଅଧିକାରୀ ଡା. ଅରୁଣ କୁମାର ସାହୁ ଓ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ପ୍ରଦ୍ୟୁମ୍ନ ପାତ୍ର ଯୋଗଦେଇଥିଲେ। ସଂଘର ସଭାପତି ସୁବ୍ରତ କୁମାର ଶତପଥୀ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ସଂଘର ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ ଓ ଫାର୍ମାସିଷ୍ଟମାନଙ୍କ ସେବା ମନୋଭାବ ସମ୍ପର୍କରେ ବିବରଣୀ ରଖିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଡା. ଚନ୍ଦନ ଗଡ଼ନାୟକ ଖବର ସଂଗ୍ରହ ତଥ୍ୟାବଳୀ ପୁସ୍ତକ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କଟକ ଜିଲ୍ଲାର ଫାର୍ମାସୀ ଅଫିସର ରଞ୍ଜିତ କୁମାର ସାହୁ, ନାରାୟଣ ପ୍ରସାଦ ତିୱାରୀ, ପ୍ରଦୋଷ ମହାନ୍ତି, ମହେନ୍ଦ୍ର ସାହୁ, ଜିତେନ୍ଦ୍ର ନାୟକ, ଏମ୍.ଡି. ସଲମାନ, କନକଲତା ସୂତାର, ରୋଶନୀ ପରୱିନ୍, ନିଶାକର ସାହୁ ଓ ସଂଗ୍ରାମ କେଶରୀ ସିଂହ ପ୍ରମୁଖ ପରିଚାଳନା କରିଥିବା ବେଳେ ଅଭିଷେକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କୋଣାର୍କ ଉତ୍ସବ ପ୍ରସ୍ତୁତି ବୈଠକ

ଗୋପ, ୧୭/୧୧ (ନି.ପ୍ର): ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ଓ ସାଂସ୍କୃତିକ ଉତ୍ସବ ଭାବେ ପରିଚିତ କୋଣାର୍କ ଉତ୍ସବ ଏବଂ ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ପାଇଁ ଚଳଚଞ୍ଚଳ ହେଇ ଉଠିଛି ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ।ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଚଳିତ ବର୍ଷ ୩୭ତମ କୋଣାର୍କ ଉତ୍ସବ ଓ ୧୫ତମ ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଆୟୋଜନ କରାଯିବ।ଏହି ମହୋତ୍ସବ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ପର୍ଯ୍ୟଟନର ଏକ ସୁନ୍ଦର ଝଲକ ଦେଶବିଦେଶର ପର୍ଯ୍ୟଟକ ଦେଖିବାକୁ ପାଇବେ।ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ୩୭ତମ କୋଣାର୍କ ଉତ୍ସବ ଆସନ୍ତା ଡିସେମ୍ବର ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ କୋଣାର୍କ ସୂର୍ଯ୍ୟମନ୍ଦିର ପାଦଦେଶରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟା ୬ଟାରୁ ରାତି ୮ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ।ଏହି ଉତ୍ସବରେ ଭାରତର ବିଭିନ୍ନ ପ୍ରାନ୍ତର ଶ୍ରେଷ୍ଠ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀମାନେ ନିଜର ନୃତ୍ୟକଳା ପରିବେଷଣ କରିବେ। ଓଡ଼ିଶୀ, କୁଚିପୁଡ଼ି, ମୋହିନୀଆଟ୍ଟମ, ସତ୍ରିୟା, କଥକ ଓ ଭାରତନାଟ୍ୟମ ଭଳି



ଶାସ୍ତ୍ରୀୟ ନୃତ୍ୟ ସହିତ ବିଭିନ୍ନ ନୃତ୍ୟଶୈଳୀର ମନୋମୁଗ୍ଧକର ପରିବେଷଣ ଦର୍ଶକଙ୍କୁ ଆକର୍ଷିତ କରିବ। ଦେଶର ବିଶିଷ୍ଟ ନୃତ୍ୟଶିଳ୍ପୀ ଓ ନୃତ୍ୟାନୁଷ୍ଠାନ ଗୁଡ଼ିକ ଏଥିରେ ଅଂଶଗ୍ରହଣ କରିବେ।ଅନ୍ୟପକ୍ଷରେ ସୂର୍ଯ୍ୟ ମନ୍ଦିରଠାରୁ ପ୍ରାୟ ୩ କିଲୋମିଟର ଦୂର ଚନ୍ଦ୍ରଭାଗା ବେଳାଭୂମିରେ ୧୫ତମ ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ–୨୦୨୬ ଆୟୋଜନ କରାଯିବ।ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ ଏହି ମହୋତ୍ସବ ଅନୁଷ୍ଠିତ ହେବ।ପର୍ଯ୍ୟଟକ ମାନେ ପ୍ରତିଦିନ ସକାଳ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଲୁକା କଳା ପ୍ରଦର୍ଶନୀ ଉପଭୋଗ କରିପାରିବେ।ଏହି ଦୁଇ ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ବାଲୁକା କଳାକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଅଧିକ ପରିଚିତ କରାଇବା ସହ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ପର୍ଯ୍ୟଟନ କ୍ଷେତ୍ରର ପ୍ରଚାରପ୍ରସାର କରିବା। ଏହାଦ୍ୱାରା କୋଣାର୍କର ପର୍ଯ୍ୟଟନ ଆକର୍ଷଣ ବୃଦ୍ଧି ପାଇବା ସହ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ନୂତନ ଦିଗ ମିଳିବ ବୋଲି ଆଶା କରାଯାଉଛି।ଚଳିତ ବର୍ଷ ଏହି ମହୋତ୍ସବରେ ୧୪୨ ଜଣ ବାଲୁକା ଶିଳ୍ପୀ ଅଂଶଗ୍ରହଣ କରିବେ। ରୁଷିଆ, ଜିୟାଙ୍ଗେ, ଲିଥୁଆନିଆ, କାନାଡ଼ା, ସ୍ୱିଡେନ ଓ ଭିଏତନାମ ଭଳି ବିଭିନ୍ନ ଦେଶର ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀମାନଙ୍କ ସହ ଝାଡ଼ଖଣ୍ଡ, ଛତିଶଗଡ଼, ତେଲେଙ୍ଗାନା, ଗୁଜରାଟ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ସମେତ ଦେଶର ବିଭିନ୍ନ ରାଜ୍ୟର ଶିଳ୍ପୀମାନେ ନିଜର କଳାକୃତି ପ୍ରଦର୍ଶନ କରିବେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ଡି ଏଫ୍ ଓ ମଗର ଧନାଜି ରାସୋଙ୍କ ସମେତ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ, ଅତିରିକ୍ତ ନିର୍ଦ୍ଦେଶକ ଏବଂ ସମସ୍ତ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଅନ୍ୟପଟେ ଏହି ବୈଠକରେ ସ୍ଥାନୀୟ କାକଟପୁର ବିଧାୟକଙ୍କ ସମେତ କୋଣାର୍କ ଏନ୍ ଏ ସି ଅଧ୍ୟକ୍ଷା ଅନୁପସ୍ଥିତ ରହିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।ବୈଠକ ପୂର୍ବରୁ ଉପ ମୁଖ୍ୟମନ୍ତ୍ରୀଙ୍କ ସହିତ ଅଧ୍ୟକ୍ଷା ଏନ୍ ଏ ସି କାର୍ଯ୍ୟାଳୟ ପରିସରରେ ଗଣେଶ ମୂର୍ତ୍ତି ସ୍ଥାପନ ଉତ୍ସବରେ ଏକାଠି ରହିଥିବା ବେଳେ ଯାତ୍ରା ନିବାସ ବୈଠକକୁ ନଯିବାର କାରଣ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ପିପିଲି,୧୭।୧୧ (ନି.ପ୍ର): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଦୁର୍ଗାଦାସପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣା ରେ ଜଣେ ଯୁବକ



ଙ୍କ ମୃତ୍ୟୁ ହୋଇଛି। ମୃତ୍ୟୁ ଯୁବକ ନାମ ମହେଶ୍ୱର ସାହୁ (୨୯) ଗ୍ରାମ ବଧ୍ ଅଟେ। ମିଳିଥିବା ସୂଚନା ଅନୁଯାୟୀ, ମହେଶ୍ୱର ନିଜ ଅଟୋ (ଓଡି-୦୨-ବିଏଲ୍-୭୭୪୦)ରେ ସିମେଣ୍ଟ ବୋଝେଇ କରି ମାଙ୍ଗଳପୁର ବଜାର ଅଭିମୁଖେ ଯାଉଥିଲେ। ଏହି ସମୟରେ ଆଗରେ ଯାଉଥିବା ଏକ ଟ୍ରାକ୍ଟରର ବେଗ ହଠାତ୍ ବ୍ରେକ ମାରି ଦେବାରୁ ଅଟୋଟି ଭାରସାମ୍ୟ ହରାଇ ଟ୍ରାକ୍ଟର ପଛରେ ପିଟି ହୋଇଥିବା ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ମିଳିଛି । ଦୁର୍ଘଟଣାରେ ଅଟୋର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିଚୁରିଜି ଯାଇଥିବା ବେଳେ ଚାଳକ ଗୁରୁତର ଆହତ ହୋଇଥିଲେ। ଖବର ପାଇ ପିପିଲି ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ମହେଶ୍ୱରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମାଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଏବଂ ଏଏସ୍ ?ଆଇ ସୁମନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରିଥିଲେ। କିନ୍ତୁ ଟ୍ରାକ୍ଟର ଟି ଘଟଣା ସ୍ଥଳରୁ ଖସି ପଳାଇଥିଲା। ମୃତ ଙ୍କ ବାପା ଦେବରାଜ ସାହୁଙ୍କ ଅଭିଯୋଗକ୍ରମେ ପିପିଲି ଥାନାରେ ଏନେଇ ୭୧୧/୨୬ରେ ଏକ ମାମଲା ରୁଜୁ କରାଯାଇଛି। ମୃତଶରୀରକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଘଟଣା ର

dishamanthan.com RNI No. ORIORI/20

ବଲାଙ୍ଗିର ସାମ୍ବାଦିକ ଭବନରେ ଜାତୀୟ ପ୍ରେସ୍-୨୦୨୬ ଦିବସ ପାଳିତ

ବଲାଙ୍ଗିର, ୧୭।୧୧(ନି.ପ୍ର.):: ସାମ୍ବାଦିକତା କ୍ଷେତ୍ରରେ କର୍ତ୍ତବ୍ୟବୋଧ ବଳିଷ୍ଠ ହେଲେ ଲୋକପ୍ରିୟତା ଆପେ ଆପେ ଆସେ । ଲୋକପ୍ରିୟତା ଅପେକ୍ଷା କର୍ତ୍ତବ୍ୟବୋଧ ପ୍ରତି ସାମ୍ବାଦିକମାନେ ଅଧିକ ଯତ୍ନବାନ ହୋଇପାରିଲେ ସମାଜର ଉନ୍ନତି ସାଧନ ହୋଇପାରିବ ବୋଲି ବଲାଙ୍ଗିର ସାମ୍ବାଦିକ ଭବନରେ ଆୟୋଜିତ 'ଜାତୀୟ ପ୍ରେସ ଦିବସ-୨୦୨୬' ଅବସରରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ବଲାଙ୍ଗିର ଜିଲ୍ଲା ପ୍ରଶାସନ ଏବଂ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର ମିଳିତ ଉଦ୍ୟମରେ ଆଜି ପୂର୍ବାହ୍ନରେ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର ଉପସଭାପତି



ଆନନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଜାତୀୟ ପ୍ରେସ ଦିବସ ପାଳନ କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଯୋଗଦାନ କରିଥିଲେ । ବିଶେଷ ବକ୍ତା ଭାବରେ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ମିଶ୍ର ଏବଂ ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ମନରଞ୍ଜନ ଯୋଷୀ ମଞ୍ଚାସୀନ ରହିଥିଲେ । କାର୍ଯ୍ୟକ୍ରମରେ 'ସାମ୍ବାଦିକତା : ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ' ଶୀର୍ଷକରେ ଅତିଥି ଓ ବକ୍ତାମାନେ ଆଲୋଚନା କରିଥିଲେ । ସଂଘର ସାଧାରଣ ସଂପାଦକ ଦୀପକ କୁମାର ପୁରୋହିତ ମଂଚାସୀନ ହୋଇ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ବଲାଙ୍ଗିର ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ଆଜିର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ସୁଶ୍ରୀ ଲକ୍ଷ୍ମୀ ସାକିଆ ମଂଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ସାମ୍ବାଦିକ ଚିତ୍ତରଂଜନ ମିଶ୍ର । ସଭା ଶେଷରେ ସଂଘର ସାଂଗଠନିକ ସଂପାଦକ ଶରତ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସାମ୍ବାଦିକ ଓ ସହରର ବୁଦ୍ଧିଜୀବୀମାନେ ଯୋଗଦାନ କରିଥିଲେ ।

ବୁଢାପଙ୍କ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଅନୁଗୋଳ୧୭।୧୧(ନି.ପ୍ର.): ଅନୁଗୋଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଢାପଙ୍କ ଗ୍ରାମ ପଞ୍ଚାୟତର ପନ୍ଦରଭରଣିଆ ଗ୍ରାମ ଠାରେ ଗ୍ରାମବାସୀଙ୍କୁ ସ୍ୱଚ୍ଛ ଓ ନିର ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ(ଡିଏମ ଏଫ) ପାଣ୍ଠିରୁ ୩୍ଗ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟ ବିନିମୟରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଅନୁଗୋଳର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ କରକମ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ବୁଢାପଙ୍କ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଜନସାଧାରଣଙ୍କ ପାନୀୟ ଜଳ ସମସ୍ୟାର ସମାଧାନ ହେବା ସହ ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦ ସାବ୍ୟସ୍ତ ହେବ ବୋଲି ଶ୍ରୀଯୁକ୍ତ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି । ଶିଳାନ୍ୟାସ ଅବସରରେ ବିଧାୟକ



ଶ୍ରୀଯୁକ୍ତ ପ୍ରଧାନ କହିଥିଲେ ଯେ, ପାନୀୟ ଜଳ ହେଉଛି ପ୍ରତ୍ୟେକ ନାଗରିକଙ୍କ ମୌଳିକ ଆବଶ୍ୟକତା ଓ ଅଧିକାର। ଗ୍ରାମାଞ୍ଚଳର ଲୋକମାନଙ୍କୁ ନିରାପଦ ପାନୀୟ ଜଳ ଯୋଗା ସହ ଅଞ୍ଚଳର ସାମଗ୍ରିକ ବିକାଶ ଓ ଜନସାଧାରଣଙ୍କ ଜୀବନଧାରଣର ମାନ ବୃଦ୍ଧି କରିବା ତାଙ୍କର ପ୍ରାଥମିକତା । ପ୍ରକଳ୍ପର କାର୍ଯ୍ୟ ନିର୍ଭ ସମୟରେ ଏବଂ ଉନ୍ନତମାନର ହେବା ଉପରେ ବିଧାୟକ ଶ୍ରୀଯୁକ୍ତ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ । ଏହି ପାନୀୟ ଜଳ ପ୍ରକଳ୍ପ ବୁଢ ପଞ୍ଚାୟତର ଜନସାଧାରଣଙ୍କ ପାଇଁ ଏକ ଉପାଦେୟ ଜନକଲ୍ୟାଣକାରୀ ପଦକ୍ଷେପ ହେବ ବୋଲି ଶ୍ରୀଯୁକ୍ତ ପ୍ରଧାନ ଆଶା ପ୍ରକଟ କରିଛ ଏହି ଅବସରରେ ସ୍ଥାନୀୟ ଜନପ୍ରତିନିଧି, ପଞ୍ଚାୟତର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ ଓ ବହୁ ସଂଖ୍ୟାରେ ଗ୍ରାମବାସୀ ଉପ ରହି ଦୀର୍ଘ ଦିନର ଦାବୀ ହୋଇ ଆସୁଥ ?ବା ଏହି ଜଳ ପ୍ରକଳ୍ପକୁ ସ୍ୱାଗତ କରିବା ସହିତ ବିଧାୟକ ଶ୍ରୀଯୁକ୍ତ ପ୍ରଧାନଙ୍କୁ ଧନ୍ୟବାଦ ଅର୍ପ କରିଥିଲେ।

ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ୨୭ ନଂ. ଜୋନର ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ନାଏକ, ବିଜେପି ନେତା ପି. ସିଂ, ଛବିମୋହନ ସାହୁ, ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ଅଶୋକ ଧୀର, ବଉଳିଗଡ ସରପଞ୍ଚ ଅମରେନ୍ଦ୍ର ଗଡନାୟକ, ବଅଁରପାଳ ମଣ୍ଡଳର ବିବିଜେପି ଯୁବ ମୋର୍ଚା ସଭାପତି ପିଣ୍ଟୁ ଭୁତିଆ, ଶ୍ରୀବସ୍ ସାମଲ, ଗୋକୁଳାନନ୍ଦ ଲେଙ୍କା ବୁଢାପଙ୍କ ଗ୍ରାମ ପଞ୍ଚାୟତ ସଭାପତି ମାନସ ମହାନ୍ତି, ଏମ. ଜେନା, ବିକାଶ ସାମଲ, ଚିନୁ ସାମଲ, ଟୁନା ସାମଲ, ଅକ୍ଷୟ ବିଷୋଇ, ଅନୁଗୋଳ ପଞ୍ଚାୟତି ରାଜ ପାନୀୟ ଜଳ ଯୋଗାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଚଚିନ ମିଶ୍ରା, ବିଭାଗୀୟ ଅଧିକାରୀଙ୍କ ସମେତ ବହୁ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

ବିଭିନ୍ନ ପ୍ରକଳ୍ପ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଛେଣ୍ଡିପଦା୧୭।୧୧(ନି.ପ୍ର.):ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅଞ୍ଚଳ ରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସକାଶେ ସ୍ଥାନୀୟ ବ୍ଲକ୍ ପ୍ରଶାସନ ପକ୍ଷରୁ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗ ଦେଇ ଆନୁଷ୍ଠାନିକ ଭାବେ ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହ ଶିଳାନ୍ୟାସ କରିଥିଲେ । ବିଶେଷ କରି ଛେଣ୍ଡିପଦା ଷ୍ଟାଡିୟମ୍ ଉନ୍ନତୀ କରଣ ସକାଶେ ପ୍ରାୟ ୧୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ସେହିପରି ଛେଣ୍ଡିପଦା ପଞ୍ଚାୟତ ର ଦୁଇଟି ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ ସକାଶେ ୬୫ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟ ଅଟକଳ କରାଯାଇଛି । ଏଥିସହ ଛେଣ୍ଡିପଦା ଠାରୁ କୋଶଳ। ଭାୟା କମ୍ପସଲା ଗ୍ରାମ୍ୟ ଉନ୍ନୟନ (ଆର୍ ଡି ରୋଡ) ରାସ୍ତା ପ୍ରଶସ୍ତିକରଣ ଓ ନିର୍ମାଣ କାର୍ଯ୍ୟ ସକାଶେ ପ୍ରାୟ ୧୯ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଅନ୍ୟ ପକ୍ଷରେ ମାଛକୁଟା ଗ୍ରାମ ଠାରୁ ପଠାଣ ସାହି ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ପ୍ରାୟ ୬ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପ୍ରଶାସନ ସୁତ୍ରରୁ ଜଣାପଡିଛି । ତେବେ ଏହି ସବୁ ପ୍ରକଳ୍ପ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ବିଧାୟକ ଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ବିଡିଓ ଅରବିନ୍ଦ ବେହେରା, ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ଗ୍ରାମ ସଭାପତି ବଳରାମ ସାହୁ,ବିଧାୟକଙ୍କ ପ୍ରତିନିଧି ଅକ୍ଷୟ ପାଦ ବେହେରା,ସମ୍ବଲପୁର ଏମ ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ କୁମାର ଗଡ଼ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ସମିତି ସଭ୍ୟା ଅମିତା ପ୍ରଧାନ , ବରିଷ୍ଠ ନେତା ଗୋପବନ୍ଧୁ ଗଡ଼ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଜନ ପ୍ରତିନିଧି ଯୋଗ ଦେଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ କର୍ମଚାରୀ ମାନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ ।

ଚଳିତ ମାସ ୨୩ ତାରିଖରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମ ବାତିଲ

ଅନୁଗୋଳ(ନିପ୍ର): ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ପତ୍ର ସଂଖ୍ୟା ୦୧ତା.୦୧.୦୧.୨୦୨୬ ରିଖ ଅନୁଯାୟୀ ଚଳିତ ମାସ ୨୩ ତାରିଖ(ସୋମବାର)ରେ ବଡ ଓଷା ନିମନ୍ତେ ଅନୁଗୋଳ ଜିଲ୍ଲାରେ ସ୍ଥାନୀୟ ଛୁଟି ଘୋଷଣା କରାଯାଇଛି । ଏହି ପତ୍ର ଅନୁଯାୟୀ ଚଳିତମାସ ୨୩ ତାରିଖରେ ପାଳଲହଡା ବ୍ଲକ୍ ?ରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମ ବାତିଲ କରାଯିବ ବୋଲି ଜିଲ୍ଲା ପ୍ରଶାସନ ସୂତ୍ରରୁ ପ୍ରକାଶ ପାଇଛି । ଜନସାଧାରଣତଥା ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଏଥିପ୍ରତି ଅବଗତ ହେବାକୁ ଅନୁରୋଧ କରାଯାଇଛି ।

ମାଁ ମହାକାଳୀ ପୂଜାରେ ଜିଲ୍ଲା କିନ୍ନର ସଂଘ

ନବରଙ୍ଗପୁର;୧୭।୧୧(ନି.ପ୍ର.): ସାମାଜିକ ସମାନତା, ଏକତା, ଭାଇଚାରା ଓ ସମାବେଶୀ ଚିନ୍ତାଧାରାର ଏକ ନିଆରା ଉଦାହରଣ ସୃଷ୍ଟି କରିଛି ଉମରକୋଟ ସହର ନିକଟସ୍ଥ ଗ୍ରାମ ନମ୍ବର ୫୨ର ଶ୍ରୀ ଶ୍ରୀ ମାଁ ମହାକାଳୀ ପୂଜା କମିଟି। ଜିଲ୍ଲାର ସର୍ବବୃହତ୍ ପୂଜା ଭାବେ ପରିଚିତ ମାଁ ମହାକାଳୀଙ୍କ ପୂଜା ଅବସରରେ ପୂଜା କମିଟି ପକ୍ଷରୁ ଜିଲ୍ଲା କିନ୍ନର ସଂଘକୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରାଯାଇଥିଲା। ଏହି ନିମନ୍ତ୍ରଣକୁ ସମ୍ମାନର ସହ ଗ୍ରହଣ କରି ଜିଲ୍ଲା କିନ୍ନର ସଂଘର ସମସ୍ତ ସଦସ୍ୟ ମାଁ ମହାକାଳୀଙ୍କ ପୂଜା ମଣ୍ଡପରେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଏଥିସହ ସେଠାରେ ଉପସ୍ଥିତ ଭକ୍ତମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। କିନ୍ନର ସମାଜକୁ ଧାର୍ମିକ ଓ ସାଂସ୍କୃତିକ ଉତ୍ସବରେ ସାମିଲ କରିବାର ଏହି ପଦକ୍ଷେପ ଉପସ୍ଥିତ ମହଲରେ ବେଶ୍ ପ୍ରଶଂସା ସାଉଁଟିଛି।ପୂଜା କମିଟି ପକ୍ଷରୁ କୁହାଯାଇଛି ଯେ, ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ ସମାନ ସମ୍ମାନ ଓ ମର୍ଯ୍ୟାଦା ଦେବା ସହ ଧାର୍ମିକ ଉତ୍ସବରେ ସମସ୍ତଙ୍କ ଅଂଶଗ୍ରହଣ ନିଶ୍ଚିତ କରିବା ଆମର ଲକ୍ଷ୍ୟ। ଜିଲ୍ଲା କିନ୍ନର ସଂଘକୁ ନିମନ୍ତ୍ରଣ କରିବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ।

ଅନ୍ୟପକ୍ଷରେ, ପୂଜା କମିଟି ପକ୍ଷରୁ କମିଟିର ସଭାପତି ମାନସ କୁମାର ଭୌମିକ, ସମ୍ପାଦକ ସୁକୁମାର ସରକାର, ଶାନ୍ତି କମିଟି ସଭାପତି ମୁନା ପାଢ଼ୀ ପ୍ରମୁଖ ଉପସ୍ଥିତ ରହି କିନ୍ନର ସଂଘ ର ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ଏହି ନିମନ୍ତ୍ରଣକୁ ଜିଲ୍ଲା କିନ୍ନର ସଂଘ ପକ୍ଷରୁ



ଆନନ୍ଦର ସହ ସ୍ୱାଗତ କରାଯାଇଥିଲା। ସଂଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକଙ୍କ ସମେତ ମୁଖ୍ୟ ପରାମର୍ଶଦାତା ଜଗନ୍ନାଥ ମହାପାତ୍ର, ଉପଦେଷ୍ଟା ଅଧିବକ୍ତା ଶ୍ରୀନିବାସ ପଟ୍ଟନାୟକ, ପ୍ରୋଜେକ୍ଟ ଲିଡର ଏମ୍. ବାଲା କୃଷ୍ଣ ରାଓ, ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର, ମହିଳା ଉପଦେଷ୍ଟା ଶର୍ମିଷ୍ଠା ଦେଓ, ଅଧିବକ୍ତା କିଶୋରୀ ପଟ୍ଟନାୟକ, ଅଧ୍ୟାପିକା ଡକ୍ଟର ସଂଯୁକ୍ତା ପଣ୍ଡା, ପ୍ରିନ୍ସିପାଲ ସ୍ୱର୍ଣ୍ଣଲତା ପଟ୍ଟନାୟକ, ସମାଜସେବୀ ନୀନୀବାବୁ ତ୍ରିପାଠୀ, ଅଧ୍ୟାପକ ଅଖିଳ ଭଟ୍ଟ, ସମାଜସେବୀ ତଥା ଅଧିବକ୍ତା ଶ୍ରୀକାନ୍ତ ପଣ୍ଡା,ଦୁର୍ଗା ପାଢ଼ୀ, ଇଞ୍ଜିନିୟର ଚନ୍ଦନା ମଲ୍ଲିକ, ଉମରକୋଟ ର ସଭ୍ୟ ରବି ସୁନା ପ୍ରମୁଖ ପୂଜା କମିଟି ର ଏହି ନିମନ୍ତ୍ରଣ ପାଇଁ ଧନ୍ୟବାଦ୍ ଜଣାଇଛନ୍ତି। ମାଁ ଙ୍କ ପୂଜାରେ ସଂଘ ପକ୍ଷରୁ ସଭାପତି କାଜଲ , ସମ୍ପାଦକ ଚୁମୁକି , ସହ ସମ୍ପାଦକ ପ୍ରୀତି , ଶିବାନୀ , କବିତା, ଅନିତା, ତନୁଜା, ଶ୍ରୁତି, ବର୍ଷା, ରାଧା, ବୋଇଦି, ଇପ୍ସିତା ସମେତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି ପୂଜାରେ ଯୋଗ ଦେଇଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ, କିନ୍ନର ସମାଜକୁ ସମାନ ସମ୍ମାନ ଓ ଅଧିକାର ଦେବା ସହ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧିବାର ଏଭଳି ପ୍ରୟାସ ସାମାଜିକ ସଦ୍ ?ଭାବନାକୁ ଆହୁରି ସୁଦୃଢ଼ କରିବ। ମାଁ ମହାକାଳୀଙ୍କ ପୂଜା ମଣ୍ଡପରେ କିନ୍ନର ସଂଘର ସଦସ୍ୟମାନଙ୍କ ଉପସ୍ଥିତି ଓ ଭକ୍ତମାନଙ୍କୁ ଆଶୀର୍ବାଦ ପ୍ରଦାନ ଏହି ଉତ୍ସବକୁ ଆହୁରି ସ୍ୱତନ୍ତ୍ର କରିଥିଲା। ଏଭଳି ଏକ ମହତ୍ ପଦକ୍ଷେପ ସମାଜରେ ମାନବିକତା, ସମାନତା ଓ ଭାଇଚାରାର ବାର୍ତ୍ତା ପ୍ରସାର କରିବା ସହ ଅନ୍ୟ ପୂଜା କମିଟିମାନଙ୍କ ପାଇଁ ମଧ୍ୟ ଏହା ଏକ ପ୍ରେରଣାଦାୟ ହେବ ବୋଲି ଲୋକେ ଆଶା କରିଛନ୍ତି।

ବାତ୍ୟା ମୁକାବିଲା ନେଇ ତତ୍ପରତା

ଗଞ୍ଜାମ, ୧୭/୧୧: ସାମ୍ଭାବ୍ୟ ବାତ୍ୟା ଅକ୍ୟାନ କୁ ନେଇ ସଜାଗ ରହିଛି ଗଞ୍ଜାମ ପ୍ରଶାସନ । ଏଥିପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେବା ସହ ସିଡିଓ ସମୀର କୁମାର ଜେନା ମଙ୍ଗଳବାର ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ଠାରେ ବାତ୍ୟା ମୁକାବିଲା ପ୍ରସ୍ତୁତି ଆରମ୍ଭ କରିଥିଲେ । ନଦୀ କୁଳିଆ ଓ ଭୁସ୍ଖଳନ ଆଶଙ୍କା ଥିବା ଅଂଚଳରେ ଲୋକଙ୍କୁ ସ୍ଥାନନ୍ତର କରାଯିବ ବୋଲି ନିଷ୍ପତି ନିଆଯାଇଥିଲା । ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନାନ୍ତରିତ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ପ୍ରଦାନ ନିମନ୍ତେ ଆଲୋଚନା ହୋଇଥିଲା । ଶୁଖିଲା ଖାଦ୍ୟରେ ଚୂଡ଼ା, ଗୁଡ଼, ବିସ୍କେଟ, ମହମବତୀ ଓ ଦିଆସିଲି ଥାଇ ଏକ କୀଟ ପ୍ରସ୍ତୁତ କରାଯାଇଛି । ଲୋକଙ୍କୁ ଯେପରି କିଛି ଅସୁବିଧା ହେବ ନାହିଁ ସେନେଇ ଗଞ୍ଜାମ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଛି ।

ଛେଣ୍ଡିପଦା କର୍ମଜୀବି ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ

ଛେଣ୍ଡିପଦା(୧୭।୧୧(ନି.ପ୍ର.):- ଅନୁଗୋଳ ଜିଲ୍ଲା ଛେଣ୍ଡିପଦା କର୍ମଜୀବି ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ସଂଘ କାର୍ଯ୍ୟାଳୟ ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ସଂଘ ସଭାପତି ଦିଲ୍ଲିପ କୁମାର ସାହୁ ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଙ୍କ ବ୍ଲକ ପ୍ରତିନିଧି ଅକ୍ଷୟ ପାଦ ବେହେରା ଯୋଗ ଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅଧକ୍ଷ ବିକ୍ରମ କୁମାର ସାହୁ,ବାପୁଜୀ ମହାବିଦ୍ୟାଳୟ ଅଧକ୍ଷ ଧର୍ମରାଜ ତ୍ରିପାଠୀ, ବ୍ଲକ ଶିକ୍ଷା ଅଧିକାରୀ ଉଦୟ ନାଥ ପ୍ରଧାନ ପ୍ରମୁଖ ଯୋଗ ଦେଇ ଯୁବ ପୀଢ଼ି ଙ୍କ ଶିକ୍ଷା, ଚଲଣିରେ ପରିବର୍ତ୍ତନ ଆବଶ୍ୟକତା ସହିତ ସେମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ। ଏଥିସହ ବିଭିନ୍ନ ସମସ୍ୟା ଉପରେ ମତ ବ୍ୟକ୍ତ କରିଥିଲେ। ସେହିପରି ଏହି ପରିପ୍ରେକ୍ଷୀରେ ଛେଣ୍ଡିପଦା ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ଛେଣ୍ଡିପଦା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବୁଦ୍ଧିଜୀବି ଯୋଗ ଦେଇ ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିବା ସହ ଆଗାମୀ ପୀଢ଼ିର ଶିକ୍ଷା ବ୍ୟବସ୍ଥା ଉପରେ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି ପ୍ରେସ ଦିବସ ଉଦଘାଟନ କରିଥିଲେ।ଏହାପରେ ସଂଘ ପକ୍ଷରୁ ଉପସ୍ଥିତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସଂପାଦକ ତ୍ରିବେଣୀ ସାହୁ, ସଦସ୍ୟ ଲିଙ୍ଗରାଜ ସାହୁ, ସୁଶାନ୍ତ କୁମାର ପ୍ରଧାନ, ଅଜିତ କୁମାର ଧଳ, ହଟ କିଶୋର ଷଡଙ୍ଗୀ, ବୁଦ୍ଧଦେବ ବେହେରା, ବିଦ୍ୟୁତ୍ ସିଂ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନା ତଥା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖବର କାଗଜ ସଂସ୍ଥା ବରିଷ୍ଠ ଏଜେଣ୍ଟ ନୀଳମଣି ପଣ୍ଡା , ସୁରେଶ ଚନ୍ଦ୍ର ସାହୁ ଙ୍କ ସମେତ ସମସ୍ତ ଏଜେନ୍ଟ ଉପସ୍ଥିତ ଥିଲେ ।



ବଲାଙ୍ଗିର ସାମ୍ବାଦିକ ଭବନରେ ଜା